## ଆଜି କ'ଣ କେଉଁଠି

(ଭଦ୍ରକ)

- ଆଜାଦ (ସ୍ୱାଧୀନ) ଧୂଷୁରୀ ସ୍ମାରକୀ ଦିବସ ସମାରୋହ । ସ୍ଥାନ-ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସର। ସମୟ- ବୁଧବାର ଅପରାହ୍ନ ୩ଟା ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ସ୍ତ୍ରୀ ମୃତ: ସ୍ୱାମୀ ଥାନାରେ ଅଟକ

**ଧାମନଗର ୨୭।୮(ଡି.ଏନ.ଏ.):**ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା କାଶିମପୁର ଗ୍ରାମର ବଳରାମ ସେଠୀଙ୍କ ସ୍ତ୍ରୀ କାଜଲ ସେଠୀଙ୍କର ସୋମବାର ରାତିରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ତେବେ ଶ୍ୱଶୁର ଘର ଲୋକେ କରେଣ୍ଟ ଲଗାଇ ତାଙ୍କ ଝିଅକୁ ମାରି ଦେଇଥିବା ନେଇ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଧୂଷୁରୀ ଥାନା ପୋଲିସ ମୃତଦେହକୁ ମଙ୍ଗଳବାର ବ୍ୟବଚ୍ଛେଦ କରାଇସ୍ୱାମୀ ବଳରାମଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଥିବା କହିଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ପଦ୍ମପୁର, ୨୭।୮(ଡି.ଏନ୍.ଏ.):**ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ଗ୍ରାମର ଜଣେ ବ୍ୟକ୍ତିଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଲଲିନ ବିଶ୍ୱାଳ। ଟାଟାର ଏକ ଘରୋଇ କମ୍ପାନୀରେ ସେ କାର୍ଯ୍ୟରତ ଥିଲେ। ଗତ ୨୩ ତାରିଖରେ ସେ ଟାଟାଠାରେ କମ୍ପାନୀକୁ କାମ କରିବା ପାଇଁ ଯାଉଥିବା ବେଳେ ସଡକ ଦୁର୍ଘଟଣାରେ ଆହତ ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ଏହି ମୃତ୍ୟୁ ଖବର ପହଞ୍ଚିବା ପରେ ପଦ୍ମପୁର ଅଞ୍ଚଳର ଶୋକର ଛାୟା ଖେଳିଯାଇଛି।

### ବ୍ଲକ୍ ସ୍ତରୀୟ ପଡ଼ୋଶୀ ଯୁବ ସମ୍ମିଳନୀ

**ଚାନ୍ଦବାଲି,୨୭।୮(ଡି.ଏନ.ଏ.):** ଘଣ୍ଟେଶ୍ୱର ସାରା ଆକାଶ କ୍ଲବ ଆନୁକୂଲ୍ୟରେ ଓ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଭଦ୍ରକ ଅଫିସ ସହଯୋଗରେ ବ୍ଲକସ୍ତରୀୟ ପଡ଼ୋଶୀ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳର ବହୁ ଯୁବତୀ ଓ ଯୁବକ ଏଥିରେ ଅଂଶ ଗ୍ରହଣ କରିଥିଲେ । କ୍ଲବର ସଭାପତି ସୁଧାକର ଧନୀଙ୍କ ଅଧକ୍ଷତାରେ ଘଣ୍ଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରଜେଶ କୁମାର ସେନାପତି, ଗ୍ରାମବିକାଶର ଭଦ୍ରକ ଜିଲା ସଂଯୋଜକ କିଶୋର କୁମାର ନାୟକ ମୁଖ୍ୟବକ୍ତା, ବିକାଶ କୁମାର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । କ୍ଲବର ମୁଖ୍ୟ ପରାମର୍ଶଦାତା କମିଟି ସଦସ୍ୟ ଦେବପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥଲେ। ମୃତ୍ୟୁଞ୍ଜୟ ଅଗସ୍ତି, କମଳାକାନ୍ତ ଧନୀ, ନରେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଜେଟ୍‌ଲୀଙ୍କ ସ୍ମୃତି ଚାରଣ

**ଚାନ୍ଦବାଲି,୨୭।୮(ଡି.ଏନ.ଏ.):** ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ବିୟୋଗରେ ଚାନ୍ଦବାଲି ଭାଜପା କାର୍ଯ୍ୟାଳୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ମଣ୍ଡଳ ସଭାପତି ଲଲାଟେନ୍ଦୁ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ପାଣି, କମଳାକାନ୍ତ ସୂତାର, ଚକ୍ରଧର ସାହୁଙ୍କ ସମେତ ଭାଜପା ନେତା ଓ କର୍ମୀ ଯୋଗ ଦେଇ ସ୍ୱର୍ଗତ ଜେଟଲୀଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ,୨୭।୮:** ଭଦ୍ରକ ପୁରୁଣାବଜାରସ୍ଥିତ ସର୍ବ ପୁରାତନ ନାରାୟଣ ଚନ୍ଦ୍ର ହାଇସ୍କୁଲର ନୂତନ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅନୁସୂୟା ପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପୁରୁଣାବଜାର ଯୁବକ ସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ମିର୍ଜା ଇଜାଜ ବେଗ, ସେକ ନିଜାମ, ଇମରୋଜ ଖାଁ, ନସିମ ଖାଁ, ଜଫରୁଲ୍ଲା ଖାଁ, କାଳନ୍ଦୀ ବେହେରା, ତମିଜୁଦ୍ଦିନ ଖାଁ, ସେକ ରବ୍‌ବାନି, ହବିବୁଲା କାଦ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଅବସରରେ ନେବା ପରେ ପଦବୀ ଫାଙ୍କା ପଡ଼ିଥିଲା। ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଏହି ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଉନ୍ନତ କରିବାକୁ ଅନୁସୂୟା ସହଯୋଗ ଲୋଡିଛନ୍ତି।

---

ଆଗକୁ ବିଭିନ୍ନ ପର୍ବ: ବସିଲା ସମନ୍ୱୟ କମିଟି ବୈଠକ

# ରାତି ୧୦ ପରେ ବାଜିବନି ଡାକବାଜି

**ଭଦ୍ରକ ଅଫିସ,୨୭।୮**



ସମନ୍ୱୟ ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।

- ସଦ୍‌ଭାବନାର ରକ୍ଷା ଲାଗି ସମସ୍ତଙ୍କ ସହଯୋଗ ଲୋଡିଲେ ଜିଲାପାଳ
- ସୋସିଆଲ ମିଡ଼ିଆ ଉପରେ କଟକଣା ଜାରି ରହିବ

ଆଗକୁ ବିଭିନ୍ନ ପର୍ବପର୍ବାଣୀ। ଏଥିଲାଗି ସୋମବାର ସନ୍ଧ୍ୟାରେ ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ କକ୍ଷରେ ଏକ ସମନ୍ୱୟ କମିଟି ବୈଠକ ବସିଥିଲା। ଭଦ୍ରକ ସହରରେ ହେବାକୁଥିବା ବଡସରକାରଙ୍କ ପଞ୍ଚମ ବାର୍ଷିକ ଫତେ ଉତ୍ସବ, ମହରମ ପର୍ବ ଏବଂ ପ୍ରସିଦ୍ଧ ବୁଢା ଗଣେଶ, ଟୋକା ଗଣେଶ ଓ ପିଲା ଗଣେଶ ପର୍ବ ଶାନ୍ତି ଶୃଙ୍ଖଳାର ସହ କିପରି ପାଳନ କରାଯିବ ଏ ନେଇ ଆଲୋଚନା ହୋଇଥିଲା। ଜିଲାପାଳ ଜ୍ଞାନ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ୍, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଡେପୁଟି କଲେକ୍ଟର ଜୟଶ୍ରୀ ସେନାପତି, ଆଡିସିନାଲ ଏସ୍‌ପି କୈଳାସ ଚନ୍ଦ୍ର ପରିଡା ଓ ବିକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଚଉଦମହଲା ମୁସ୍‌ଲିମ୍ ଜମାତର ସଭାପତି ଏମ୍‌ଡ଼ି ଅବଦୁଲ ବାରୀଙ୍କ ସମେତ ଚଉଦ ମହଲା କମିଟି ସଦସ୍ୟ, ସମନ୍ୱୟ କମିଟି ପକ୍ଷରୁ ସଦସ୍ୟ ପବନ ବାଗଡିଆ, ବିଦ୍ୟାଧର ସାହୁ, ସୁଧାକର ରାଉତ, ମନୋରଞ୍ଜନ ସାହୁ, ପର୍ଶୁରାମ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଆସନ୍ତା ୨ତାରିଖରୁ ବୁଢା ଗଣେଶ, ଟୋକା ଗଣେଶ ଓ ପିଲା ଗଣେଶ ପର୍ବ, ୯ ତାରିଖରେ ମହରମପର୍ବ ଓ ୧୩ ତାରିଖରେ ଫତେ ଉତ୍ସବ ପାଳନ କରାଯିବ। ଏସବୁ ପର୍ବକୁ ସଦ୍‌ଭାବନାର ସହ ପାଳନ କରିବା ଲାଗି ଜିଲାପାଳ ସମସ୍ତଙ୍କର ସହଯୋଗ ଲୋଡିଥିଲେ। ରାସ୍ତାଘାଟ ମରାମତି, ବିଦ୍ୟୁତ୍ କାଟ ନିୟନ୍ତ୍ରଣ, ଆଲୋକ ବ୍ୟବସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଥିଲା। ଏଥର ଡିଜେ ବାଜିବା ଉପରେ କଟକଣା ଜାରି ସହ ରାତି ୧୦ଟାପରେ ମାଇକ୍ ବାଜି ପାରିବ ନାହିଁ ବୋଲି କୁହାଯାଇଥିଲା। ରାତି ୧୦ଟା ମଧରେ ତାଜିଆ ଶୋଭାଯାତ୍ର ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସହରରେ ରାସ୍ତା ଉପରକୁ ମାଡି ତୋରଣ ବା ହୋଡ଼ିଙ୍ଗ ଲଗାଯାଇ ପାରିବ ନାହିଁ। ସୋସିଆଲ ମିଡ଼ିଆ ଉପରେ କଟକଣା ଜାରି ରହିବ। କାହାରିକୁ ଆକ୍ଷେପ କଲାଭଳି ସୋସିଆଲ ମିଡ଼ିଆରେ ମନ୍ତବ୍ୟ ପ୍ରକାଶ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନାଧିକାରୀମାନଙ୍କୁ କୁହାଯାଇଥିଲା। ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣ ଓ ସୁପରିଚାଳନା ନିମନ୍ତେ ପୋଲିସ୍ ବ୍ୟବସ୍ଥା କରାଯିବା ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ୍ ସୂଚନା ପ୍ରଦାନ କରିଥିଲେ।

## ସ୍ଥିତି ସମୀକ୍ଷା କଲେ ପୂର୍ବାଞ୍ଚଳ ଆଇଜି

**ଭଦ୍ରକ ଅଫିସ,୨୭।୮**

ନୂତନ ପୂର୍ବାଞ୍ଚଳ ଆଇଜି ଭାବେ ଯୋଗଦାନ କରିଥିବା ଦୀପ୍ତେଶ ପଟ୍ଟନାୟକ ମଙ୍ଗଳବାର ଭଦ୍ରକ ଗସ୍ତରେ ଆସି ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ସେ ଭଦ୍ରକ ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ଼ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ସେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ୍‌ଙ୍କ ସହ ଆଲୋଚନା କରିଥିଲେ। ପରେ ଏକ ବୈଠକରେ ଯୋଗ ଦେଇ ସମୀକ୍ଷା କରିଥିଲେ। ଜିଲାର ଦୁଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାସ ଓ କୈଳାସ ଚନ୍ଦ୍ର ପରିଡ଼ା, ଏସ୍‌ଡିପିଓ ଜଳନ୍ଧର ଜାଲି, ସମସ୍ତ ଡିଏସ୍‌ପି, ଜିଲାର ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ। ସାଧାରଣ ଲୋକେ ଯେପରି ପୋଲିସ ନିକଟରୁ ଉଚିତ ନ୍ୟାୟ ପାଇପାରିବେ ସେଥି ପ୍ରତି ଦୃଷ୍ଟି ଦେବା ସହ ଲୋକଙ୍କ ନିକଟତର ହେବାକୁ ପୂର୍ବାଞ୍ଚଳ ଆଇଜି ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୪ ମହଲା ଜମାତ୍‌ର ସଭାପତି ହାଜି ମହମ୍ମଦ ଅବଦୁଲ ବାରୀ, ଭଦ୍ରକର ବହୁ ଖବରଦାତା, ବସ ସିଣ୍ଡିକେଟ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ପଟ୍ଟନାୟକଙ୍କୁ ସାକ୍ଷାତ କରି ତାଙ୍କୁ ସ୍ୱାଗତ କରିଥିଲେ।

## ଗଣେଶ ପୂଜା, ମହରମ ପାଇଁ ଶାନ୍ତି ବୈଠକ

**ଧାମନଗର ୨୭।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଶାନ୍ତି କମିଟି ତରଫରୁ ଥାନା ପରିସରରେ ଶାନ୍ତି କମିଟି ବୈଠକ ଏସଡିପିଓ ମନୋରଞ୍ଜନ ସାମଲଙ୍କ ଅଧକ୍ଷଧିତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଣେଶ ପୂଜା ଭସାଣି ଏବଂ ମହରମ ପର୍ବ ଏକାସାଙ୍ଗରେ ପଡୁଥିବାରୁ ପୋଲିସ ପ୍ରଶାସନ ତରଫରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ଆୟୋଜନ କରାଯାଇଛି । ଗଣେଶ ପୂଜା ଓ ମହରମ ପର୍ବରେ ଡିଜେ ବାଦ୍ୟ ପରିବେର୍ତ୍ତ କେବଳ ସ୍ଥାନୀୟ ବାଦ୍ୟ ବ୍ୟବହାର କରାଯିବ। ସେହିପରି ମହରମ୍ ଆଖଡା ଯାତ୍ରା ବେଳେ କେବଳ ବାଡି ଖେଳ ପ୍ରଦର୍ଶନ କରାଯିବ। କୌଣସି ଧାରୁଆ ଅସ୍ତ୍ର ଯଥା ଖଣ୍ଡା,ଭୁଜାଲି ବ୍ୟବହାର କରାଯିବ ନାହିଁ । ଆସନ୍ତା ୨ ତାରିଖ ଗଣେଶ ପୂଜା ଠାରୁ ୯ ତାରିଖ ମହରମ ପର୍ବ ପର୍ଯ୍ୟନ୍ତ ବ୍ୟାପକ ପୋଲିସ ମୁତୟନ ପାଇଁ ସ୍ଥିର ହୋଇଥିଲା। ଏଥିସହ ଶାନ୍ତି କମିଟିକୁ ସମ୍ପୂର୍ଣ୍ଣ ତଦାରଖ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆଡିସନାଲ ତହସିଲଦାର ଲଗନଜିତ ବେହେରା,ବିଧାୟକ ବିଷ୍ଣୁ ଚରଣ ସେଠୀ, ଧାମନଗର ଥାନା ଆଇଆଇସି ମାନସ ଦେଓଙ୍କ ସମେତ ଶାନ୍ତି କମିଟିର ସମସ୍ତ ସଦସ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ହାର ମାନି ନାହାନ୍ତି ମୋନିକା


ମୋନିକା ମହାପାତ୍ର।

**ବନ୍ତ,୨୭।୮(ଡି.ଏନ୍.ଏ.)**

ଦିବ୍ୟାଙ୍ଗ ହୋଇ ବି ନିଜ ପାଖରେ ହାର୍ ମାନିନାହାନ୍ତି ମୋନିକା । ଉଚ୍ଚ ଶିକ୍ଷାଲାଭ କରିବା ସହ ସେ ନୃତ୍ୟକଳାରେ ପାରଦର୍ଶିତା ହାସଲ କରିଛନ୍ତି । ଜନ୍ମରୁ ଶ୍ରବଣ ଶକ୍ତି କମ୍ ଥିଲେ ମଧ ଦୃଢ ମନୋବଳ ତାଙ୍କୁ ଆଗକୁ ନେବାରେ ସହାୟକ ହୋଇଛି।

ମୋନିକାଙ୍କ ଜନ୍ମସ୍ଥାନ ବରଗଡ ଜିଲା ଅତାବିରା ଥାନା ଅଧୀନ ଗୋଡଭଗା ଗ୍ରାମରେ । ତାଙ୍କ ମାତା ସଞ୍ଜୁକ୍ତା ଦାଶ ଓ ବାପା କିଶୋର ଚନ୍ଦ୍ର ମହାପାତ୍ର । ଉଚ୍ଚଶିକ୍ଷା ଲାଭ ପରେ ସେ ସେ ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର ବଳଭଦ୍ରପୁର ଗ୍ରାମର ବିକାଶ ରଞ୍ଜନ ଦେବତାଙ୍କୁ ବିବାହ କରିଛନ୍ତି। ତାଙ୍କୁ ବୟସ ଏବେ ୨୮ । ମୋନିକା କହନ୍ତି, ସେ ୮ମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ମାତା ପିତା ବରଗଡସ୍ଥିତ ସଂଗୀତ ନୃତ୍ୟ ବିଦ୍ୟାଳୟରେ ଡିପ୍ଲୋମା(ଓଡ଼ିଶୀ)ରେ ନାମ ଲେଖାଇଥିଲେ । ୨ ବର୍ଷ ନୃତ୍ୟ ଶିକ୍ଷା କରିବା ସମୟରେ ସେ ମାଟ୍ରିକ ପାସ୍ କରିଥିଲେ । ମାଟ୍ରିକ ପରୀକ୍ଷାରେ ସେ କୃତିତ୍ୱର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପରେ ୨୦୧୦ ମସିହାରେ ରାଉରକେଲାସ୍ଥିତ ଏସ୍‌କେଡିଏଭି ପଲିଟେକନିକ୍‌ରେ ଡିପ୍ଲୋମା(ଆଇଟି) ପାସ୍ କରିଥିଲେ। ୨୦୧୧ରେ ସେ ଆଇଇଭି ସରକାରୀ ଚାକିରି କରିଥିଲେ । କିନ୍ତୁ ଅସୁସ୍ଥତା ଦୃଷ୍ଟିରୁ ୨ ବର୍ଷ ପରେ ସେ ଚାକିରି ଛାଡି ଦେଇଥିଲେ । ପରେ ସେ ବଙ୍ଗୀୟ ସଙ୍ଗୀତ ପରିଷଦ, ପଶ୍ଚିମବଙ୍ଗ ଆନୁକୂଲ୍ୟରେ ବରଗଡସ୍ଥିତ କଳାକଳ୍ପନା ଅନୁଷ୍ଠାନରୁ ଅଙ୍କନ ରତ୍ନ, ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱରରୁ ନୃତ୍ୟ ଶିକ୍ଷା ଲାଭ କରିଥିଲେ । ବର୍ତ୍ତମାନ ସେ ନୃତ୍ୟକଳାରେ ସ୍ନାତକୋତ୍ତର ଶିକ୍ଷା ଲାଭ କରୁଛନ୍ତି । ଏବେ ସେ ଗୃହିଣୀ ଜୀବନ ଅତିବାହିତ କରିବା ସହ ବନ୍ତସ୍ଥିତ ଏକ ପବ୍ଲିକ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କୁନି କୁନି ପିଲାଙ୍କୁ ନୃତ୍ୟ ଶିକ୍ଷା ଦେଉଛନ୍ତି। ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ ବି ତାଙ୍କୁ କୌଣସି ସରକାରୀ ସହାୟତା ମିଳି ନାହିଁ। ପାଠ ପଢିବା ସମୟରେ ହାଇସ୍କୁଲ ଓ କଲେଜରେ ଅନୁଷ୍ଠିତ ବିଭିନ୍ନ ଉତ୍ସବରେ ସେ ଓଡିଶୀ ନୃତ୍ୟ ପରିବେଷଣ କରି ବହୁ ପ୍ରମାଣପତ୍ର ହାସଲ କରିଛନ୍ତି। ନୃତ୍ୟ ସାଙ୍ଗକୁ ଖେଳକୁଦ୍‌ରେ ମଧ ସେ ବେଶ ପାରଙ୍ଗମ। ବହୁମୁଖୀ ପ୍ରତିଭାର ଅଧିକାରୀ ମୋନିକା ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବା ବିଡମ୍ବନା ବୋଲି ତାଙ୍କ ଶ୍ୱଶୁର ସୁରେଶ ଚନ୍ଦ୍ର ଦେବତା କହିଛନ୍ତି ।


ବାସୁଦେବପୁରର ଶୁକଦେବପୁରସ୍ଥିତ ଗ୍ୟାସ୍ ଗୋଦାମର ଅସ୍ଥାୟୀ କର୍ମଚାରୀଙ୍କ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକେ ଧାରଣାରେ ବସିଛନ୍ତି।

## ଦର୍ଶନ ବିଭାଗରେ ସ୍ୱାଗତ ଉତ୍ସବ

**ଭଣ୍ଡାରିପୋଖରୀ, ୨୭।୮(ଡି.ଏନ୍.ଏ.)**

ଭଦ୍ରକ ଜିଲା ମଞ୍ଜୁରୀରୋଡ ସ୍ଥିତ ନାଆଁମୀ ମହାବିଦ୍ୟାଳୟ ଦର୍ଶନ ବିଭାଗ ତରଫରୁ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର କଲେଜରେ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ସ୍ୱାଗତସଭାକୁ ଉଦ୍‌ଘାଟନ କରିଥିଲେ। ବିଭାଗର ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ପ୍ରଥମବର୍ଷର ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ଶଶଧର ସାହୁ, ଡ. ରଘୁନାଥ ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବିଭାଗ ପ୍ରମୁଖ ଅଧାପକ ଡ. ସୁକାନ୍ତ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅସ୍ଥାୟୀ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

## ପ୍ରତିବାଦରେ ରାସ୍ତାରୋକୋ

**ବାସୁଦେବପୁର, ୨୭।୮(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ଶୁକଦେବପୁର ନିକଟସ୍ଥ ଏକ ଗ୍ୟାସ କମ୍ପାନୀର ଗୋଦାମରେ କାର୍ଯ୍ୟ କରୁଥିବା ଶରତ ମାହାଣା(୩୨) ନାମକ ଜଣେ ଅସ୍ଥାୟୀ କର୍ମଚାରୀଙ୍କର ମଙ୍ଗଳବାର ପୂର୍ବାହ୍ନରେ ଅସ୍ୱାଭାବିକ ସ୍ଥିତିରେ ମୃତ୍ୟୁ ଘଟିଛି। ମୃତ କର୍ମଚାରୀ ଶରତଙ୍କ ଘର ବିନାୟକପୁର ପଞ୍ଚାୟତର ୬ ନମ୍ବର ୱାର୍ଡରେ। ସେ ଏକ ଟେମ୍ପୋ ଯୋଗେ ଗ୍ୟାସ ବଣ୍ଟନ ପାଇଁ ଗୋଦାମରୁ ନେଇ ୧୦୦ ମିଟର ଦୂର ବାସୁଦେବପୁର ଆଡକୁ ଯିବା ପରେ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ସେଠାରେ ଗାଡି ରଖି ସେ ତଳକୁ ଓହ୍ଲାଇ ଆସି ସଂଜ୍ଞାହୀନ ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନା ଅଣାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି କର୍ମଚାରୀଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶତାଧିକ ସ୍ଥାନୀୟ ଲୋକଙ୍କ ସମେତ ମୃତ ବ୍ୟକ୍ତିଙ୍କ ପରିବାର ଓ ସମ୍ପର୍କୀୟମାନେ ବାସୁଦେବପୁର ଗ୍ୟାସ ଗୋଦାମ ସାମ୍ନାରେ କ୍ଷତିପୂରଣ ଦାବି କରି ଧାରଣା ଦେବା ସହିତ ସେଠାରେ ବାସୁଦେବପୁର-ଇଚ୍ଛାପୁର ରାସ୍ତାକୁ ଅବରୋଧ କରିଥିଲେ। ବାସୁଦେବପୁର ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲା। ଅପରାହ୍ନରେ ଭାରତ ଗ୍ୟାସ ପକ୍ଷରୁ ଦେବସ୍ୱରୂପ ଧନୀ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବିନାୟକପୁର ପଞ୍ଚାୟତ ସରପଞ୍ଚ ନିରଞ୍ଜନ ବଳ ଉପସ୍ଥିତ ଥିଲେ। ବାସୁଦେବପୁର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇ ଏକ ମାମଲା ରୁଜୁ କରିଛି।

## ଅଟକ ନିର୍ବାହୀ ଅଧିକାରୀ ଉଦ୍ଧାର

**ବାସୁଦେବପୁର, ୨୭।୮(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଞ୍ଚାୟତର ୭ ଜଣ ୱାର୍ଡ ସଭ୍ୟାସଭ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବପ୍ରସାଦ ପଣ୍ଡାଙ୍କୁ ମଙ୍ଗଳବାର ମଧ୍ୟାହ୍ନ ଠାରୁ ଅଟକ ରଖିଥିଲେ। ଅପରାହ୍ନ ୫ଟା ବେଳେ ବାସୁଦେବପୁର ପୋଲିସର ହସ୍ତକ୍ଷେପ ଫଳରେ ପଞ୍ଚାୟତ କାର୍ଯ୍ୟାଳୟରେ ଅଟକ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଣ୍ଡା ମୁକୁଳିଛନ୍ତି। ଏହି ପଞ୍ଚାୟତରେ ପ୍ରାୟ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ଓ କେତେକ ପ୍ରକଳ୍ପ ଚୟନରେ ୱାର୍ଡ ମେମ୍ବରଙ୍କ ସହମତି ନିଆ ନ ଯାଇ କାର୍ଯ୍ୟ କରାଯାଇଥିବା ଅଭିଯୋଗ ଆଣି ଏହି ୱାର୍ଡ ସଭ୍ୟାସଭ୍ୟମାନେ ନିର୍ବାହୀ ଅଧିକାରୀଙ୍କୁ ଘେରାଉ କରି କୈଫତ ତଲବ କରିଥିଲେ। ସେମାନେ ସନ୍ତୋଷ ଜନକ ଉତ୍ତର ନ ପାଇ ନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟାଳୟରୁ ବାହାରିବାକୁ ଦେଇ ନ ଥିଲେ। ଆଇଆଇସି ଉମାଶଙ୍କର ନାୟକ ପହଞ୍ଚି ୱାର୍ଡ ସଭ୍ୟାସଭ୍ୟଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

## ବିବାଦ ତୁଟାଇବାକୁ ଜିଲା ଶିକ୍ଷାଧିକାରୀଙ୍କ ଉଦ୍ୟମ

**ଆରଡି, ୨୭।୮, (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଥିବା ଆଖଣ୍ଡଳମଣି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଅଭାବ ଜନିତ ବିବାଦ ପ୍ରଶାସନ ଲାଗି ଅଡୁଆ ସ୍ଥିତି ସୃଷ୍ଟି କରିଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଯାଉଥିବା ଏହି ବିଦ୍ୟାଳୟରେ ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ଶିକ୍ଷକଙ୍କ ମଧ୍ୟରେ ତାଳମେଳ ନ ରହିବା ଯୋଗୁ ଶିକ୍ଷାନୁଷ୍ଠାନ ପରିଚାଳନା ଠିକ୍ ଭାବେ ହୋଇ ପାରୁନାହିଁ। ସୋମବାର ଆରଡିରେ ଜିଲାପାଳଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିର ଚାଲିଥିବା ବେଳେ କେତେକ ବ୍ୟକ୍ତି ଏହି ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ । ଜନଶୁଣାଣି ସରିବା ପରେ ଅପରାହ୍ନରେ ଶିକ୍ଷାଧିକାରୀ ଉକ୍ତ ବିଦ୍ୟାଳୟକୁ ଯାଇ ସମସ୍ୟା ସମ୍ପର୍କରେ ଜାଣିବାକୁ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଡାକି ଏକ ବୈଠକ କରିଥିଲେ। ଆରଡି ସରପଞ୍ଚ ଅରବିନ୍ଦ ପାଢୀ, ନାନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସରୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୨ ଘଣ୍ଟା ସମୟ ଧରି ବୈଠକ ଚାଲିଥିଲା। ଦୁଇ ଗୋଷ୍ଠୀର ଶିକ୍ଷକ ପରସ୍ପର ବିରୋଧରେ ଅଭିଯୋଗ ବାଢିଥିଲେ। ସେମାନେ ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ଭାବନା ସୃଷ୍ଟି କରିବା ଉଚିତ ନୁହେଁ ବୋଲି ଜିଲା ଶିକ୍ଷାଧିକାରୀ ବୁଝାଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ବିଦ୍ୟାଳୟର ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଥିଲେ । ଶେଷରେ ବିଦ୍ୟାଳୟ ସୁପରିଚାଳନା ଲାଗି ୨ ବର୍ଷ ଧରି ହୋଇ ପାରୁ ନ ଥିବା ଶିକ୍ଷାକମିଟି ଗଠନ, ବିଦ୍ୟାଳୟରେ ସ୍ଥାୟୀ ଫାଟକ ନିର୍ମାଣ, ଶିକ୍ଷୟିତ୍ରୀଶିକ୍ଷକଙ୍କ ଲାଗି ପାଇଖାନା ନିର୍ମାଣ ଆଦି ଆଲୋଚନାରେ ସ୍ଥାନ ପାଇଥିଲା।


ଶିକ୍ଷାଧିକାରୀ ବୈଠକରେ ଆଲୋଚନା କରୁଛନ୍ତି।

## ଟୁଇଟ୍ ପରେ ପାଞ୍ଚାଳୀଙ୍କୁ ମିଳିଲା ରାଶନ ସାମଗ୍ରୀ

**ଭଦ୍ରକ ଅଫିସ, ୨୭।୮**

- ଏକକାଳୀନ ପାଇଲେ ୯ ମାସର ଚାଉଳ
- ତାଲିକାରେ ନାମ ଥିବା ତଦନ୍ତରୁ ଜଣାପଡିଲା
- ଯୋଗାଣ ଅଧିକାରୀ ତଦନ୍ତ କରି ଫେରିଲେ

ଭଦ୍ରକ ଜିଲାରେ ବହୁ ହିତାଧିକାରୀଙ୍କ ଖାଉଟି ସାମଗ୍ରୀ ହରିଲୁଟ୍ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଇ ଆସୁଛି। ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଅନହରପୁର ଗାଁର ପାଞ୍ଚାଳୀ ଜେନା ନାମ୍ନୀ ଜଣେ ହତାଧିକାରୀ ୯ ମାସ ଧରି ସାମଗ୍ରୀ ପାଇ ପାରି ନ ଥିଲେ। ଏ ନେଇ ନାନା ସନ୍ଦେହ ପ୍ରକାଶ ପାଇଥିଲା। ଏ ଗାଁ ନିକଟବର୍ତ୍ତୀ ଭଗବାନପୁର ଗାଁର ସାମାଜିକ କର୍ମୀ ସନ୍ତୋଷ ମହାପାତ୍ର ଏ ନେଇ ସୋମବାର ପୂର୍ବାହ୍ନରେ ଟୁଇଟ୍ କରି ଅନହରପୁର ଗାଁର ପାଞ୍ଚାଳୀଙ୍କ ଭଳି ଗରିବ ପରିବାର ରାଶନ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ ଓ ଧାମନଗର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟୁଇଟ୍ ଦେଖି ଯୋଗାଣମନ୍ତ୍ରୀ ଭଦ୍ରକ ଜିଲାପାଳଙ୍କୁ ତୁରନ୍ତ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ଜିଲା ଯୋଗାଣ ଅଧିକାରୀଙ୍କୁ ଉକ୍ତ ଗାଁକୁ ଯାଇ ତଦନ୍ତ କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜିଲା ଯୋଗାଣ ଅଧିକାରୀ ମିର୍ ରାଜା ଅଲ୍ଲୀ ଓ ଧାମନଗର ବ୍ଲକ ଯୋଗାଣ ଅଧିକାରୀ ମନୋରଞ୍ଜନ ମହାପାତ୍ର ଅନହରପୁର ଗାଁରେ ପହଞ୍ଚି ପାଞ୍ଚାଳୀଙ୍କ ଅବସ୍ଥା ବୁଲି ଦେଖିଥିଲେ। ସେ ପ୍ରକୃତରେ ଯୋଗ୍ୟ ହିତାଧିକାରୀ ଓ ତାଙ୍କ ନାଁରେ ରାଶନକାର୍ଡ ଥିବା ଜାଣି ସ୍ଥାନୀୟ ଡିଲରଙ୍କୁ ଡାକି ତାଲିକାରେ ତାଙ୍କ ନାଁ ଯାଞ୍ଚ କରାଯାଇଥିଲା। ପାଞ୍ଚାଳୀଙ୍କ ନାଁ ତାଲିକାଭୁକ୍ତ ଥିବା ତଦନ୍ତରୁ ଜଣାପଡିବାରୁ ୨୦୧୮ ଅକ୍ଟୋବର ସେ ପାଇ ନ ଥିବା ୯ ମାସର ୧ କୁଇଣ୍ଟାଲ ୮୦ କେଜି ଚାଉଳ ତାଙ୍କୁ ପ୍ରଦାନ କରାଯାଇଥିଲା। ଏହି ଘଟଣାରୁ ସରକାର ଯୋଗାଉଥିବା ଖାଉଟୀ ସାମଗ୍ରୀ କିଭଳି ବାଟମାରଣା ହେଉଛି, ତାହା ପଦାକୁ ଆସିଥିବାରୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହାର ତଦନ୍ତ କରି ପାଞ୍ଚାଳୀଙ୍କ ଖାଉଟି ସାମଗ୍ରୀ ଯିଏ ନେଇଛି ତାଙ୍କ ବିରୋଧରେ ଦୃଢ ପଦକ୍ଷେପ ନିଆଯିବ ବୋଲି ଜିଲା ଯୋଗାଣ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଭଗବାନପୁର ପଞ୍ଚାୟତରେ ଅନ୍ତୋଦ୍ୟୟ, ଅର୍ଣ୍ଣପୂର୍ଣ୍ଣା ଆଦି ଯୋଜନାରେ ବହୁ ପ୍ରିୟାପ୍ରୀତି ତୋଷଣ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉଥିବା ଅଭିଯୋଗ ଆସିଛି। ଏହାର ଉଚ୍ଚସ୍ତରୀୟ ଯାଞ୍ଚ କରା ଯାଉବୋଲି ସାଧାରଣରେ ମଧ ଦାବି ହେଉଛି।


ପାଞ୍ଚାଳୀଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୨୮ ଅଗଷ୍ଟ, ୨୦୧୯



**ସଂକ୍ଷେପରେ**

## କାଳିଆ ଯୋଜନାରେ ନିୟୋଜିତ କର୍ମଚାରୀଙ୍କୁ ମିଳିନି ପ୍ରାପ୍ୟ

**ବନ୍ତ,୨୭।୮(ସ୍ୱ.ପ୍ର.):** ଓଡ଼ିଶା ସରକାର କୃଷକମାନଙ୍କ ପାଇଁ ପ୍ରଚଳନ କରିଥିବା କାଳିଆ ଯୋଜନାରେ ନିୟୋଜିତ ଥିବା ସରକାରୀ କର୍ମଚାରୀ ଗତ ଜାନୁୟାରୀ ମାସରୁ ଡ୍ୟୁଟି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାରିଶ୍ରମିକ ବାବଦ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ ହୋଇଛି। ବନ୍ତ ବ୍ଲକରେ ୨୫ ପଞ୍ଚାୟତ କାର୍ଯ୍ୟାଳୟରେ କାଳିଆ ଯୋଜନାର ଆବେଦନ ଫର୍ମ ଚାଷୀଙ୍କଠାରୁ ଗ୍ରହଣ କରିବା ଓ ପରେ ବ୍ଲକ କାର୍ଯ୍ୟାଳୟରେ ଫର୍ମ ଦାଖଲ କରିବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପ୍ରାଣୀ ଚିକିତ୍ସକଙ୍କୁ ନିୟୋଜିତ କରାଯାଇଥିଲା। ଡ୍ୟୁଟି କରିଥିଲେ ସୁଦ୍ଧା ସେମାନଙ୍କୁ କାହିଁକି ପାରିଶ୍ରମିକ ମିଳି ନାହିଁ ତାହାର କାରଣ ଜଣାପଡୁନାହିଁ। ତଳ ସ୍ତରର କର୍ମଚାରୀ ହୋଇଥିବାରୁ ଏବାବଦରେ ସେମାନେ ମୁହଁ ଖୋଲୁ ନ ଥିଲେ ବି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବନ୍ତ ବିଡିଓ ରେବେକା ବିଲଙ୍ଗଙ୍କୁ ପଚାରିବାରୁ କହିଛନ୍ତି, ସେମାନେ କେତେଦିନ ଡ୍ୟୁଟି କରିଛନ୍ତି, କେତେ ଟଙ୍କା ପାଇବେ ସେ ନେଇ କୌଣସି ଚିଠି ଆସିନାହିଁ। ତଥ୍ୟ ମିଳିବା ପରେ ସେମାନଙ୍କୁ ପ୍ରାପ୍ୟ ଦିଆଯିବ।

## ଇନ୍‌ଟାକ୍‌ର ସର୍ବଭାରତୀୟ କୁଇଜ୍ ପ୍ରତିଯୋଗିତା

**ଭଦ୍ରକ ଅଫିସ, ୨୭।୮:** ଦିଲ୍ଲୀସ୍ଥିତ ଇନ୍‌ଟାକ୍ ସହାୟତାରେ ଭଦ୍ରକ ଇନ୍‌ଟାକ୍ ଶାଖା ପକ୍ଷରୁ ବିଦ୍ୟାଳୟସ୍ତରୀୟ ସର୍ବଭାରତୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କୁଆଁସ ସ୍ଥିତ ନିତ୍ୟାନନ୍ଦ ଭବନଠାରେ ଆବାହକ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କମିଶନର ଦିଗମ୍ବର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ସହ ଆବାହକ ତଥା ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକ ଯୋଗ ଦେଇ କୁଇଜ୍ ପ୍ରତିଯୋଗିତାର ନିୟନ୍ତ୍ରକ ଭାବେ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଡ. କମଳାକାନ୍ତ ଜେନା କୁଇଜ୍ ମାଷ୍ଟର ଭାବେ ଉଭୟ ଲିଖିତ ଓ ମୌଖିକ ପରୀକ୍ଷା କାର୍ଯ୍ୟ ସମ୍ପାଦନ କରିଥିଲେ । କନ୍‌ଭେନର ଏସ୍‌ଏମ୍ ଫାରୁକ, ବାବୁଲାଲ ଦାସ, ନରେନ୍ଦ୍ର ପ୍ରସାଦ ସାହୁ, ଡ. ରାମଚନ୍ଦ୍ର ନାୟକ, ଆଇନଜୀବୀ ମନୋରଞ୍ଜନ ଦାସ, ଇଂ ସୁବାସ ଚନ୍ଦ୍ର ସାହୁ, ଅଶୋକ ସିଂ ଏଥିରେ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀ ଆସନ୍ତା ୧୪ ତାରିଖରେ ଭୁବନେଶ୍ୱର ୟୁନିଟ୍-୧ ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର

**ରାଇରଙ୍ଗପୁର,୨୭।୮(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ପ୍ରଶାସନ ଏବଂ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଯାତ୍ରୀନିବାସ ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କୀତ ୩ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଇଂ. ରତ୍ନାକର ଶିଅଳ ଏବଂ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ଶ୍ରୀକାନ୍ତ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଲୋକପାତ କରିଥିଲେ। ଶିବିରରେ ତିରିଂ ବ୍ଲକ ଅନ୍ତର୍ଗତ ଭୁଣ୍ଡୁ ପଞ୍ଚାୟତ ଏବଂ କରଞ୍ଜିଆ ସବ୍‌ଡିଭିଜନ ଠାକୁରମୁଣ୍ଡା ଏବଂ ଶୁକ୍ରୁଲି ବ୍ଲକ ଅଧୀନ ୪ଟି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ବ୍ଲକ କୋଅର୍ଡିନେଟର, ମୋନିଟର୍ସ ଏବଂ ମୋଟିଭୋଟରଙ୍କ ସମେତ ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ଏବଂ ୨୬ ଜଣ ସଦସ୍ୟ ଯୋଗଦେଇଥିଲେ। ଭୁବନେଶ୍ୱରସ୍ଥିତ ୟୁନିସେଫ୍ ସଂସ୍ଥାର ରାଜ୍ୟ ପ୍ରଦୂଷଣ ବିଭାଗ ପରାମର୍ଶଦାତା ଶ୍ରୀନିବାସ ଦାସ, ମୟୂରଭଞ୍ଜ ଜିଲା ଜଳପରିମଳ ପ୍ରଦୂଷଣ ମିଶନର ପରାମର୍ଶଦାତା ଚନ୍ଦନ ଘଡ଼େଇ, ମିହିର ଦାସ , ମାଷ୍ଟର ଟ୍ରେନର ଗଗନ କର ଏବଂ ସୁଦୀପ୍ତ ବାରି ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ଆଗାମୀ ବୁଧବାର ଉଦ୍‌ଯାପିତ ହେବ।

# ଏଠି ବୁଣିପଡ଼େ ପରମ୍ପରା ଓ ସଂସ୍କୃତିର ଭିନ୍ନ ମହକ

**ବୁଢ଼ା, ଟୋକା ଓ ପିଲା ରୂପରେ ପୂଜା ପାଆନ୍ତି ବିଦ୍ୟାଦାତା**

ଭଦ୍ରକ ଅଫିସ,୨୭।୮

ଐତିହ୍ୟ ଓ ଭାଇଚାରାର ସହର ଭଦ୍ରକରେ ଅଗ୍ରପୂଜ୍ୟ ବିଦ୍ୟାଦାତା ଗଣେଶଙ୍କ ପୂଜାର ସାଂସ୍କୃତିକ ମହତ୍ତ୍ୱ ନିଆରା। ଏଠି ବୁଢ଼ା ଗଣେଶ, ଟୋକା ଗଣେଶ, ପିଲା ଗଣେଶ, ପେଟୁଆ ଗଣେଶ, ଛୁଆ ଗଣେଶ, କାଞ୍ଚନ ଗଣେଶ ଆଦି ନାମରେ ବିଦ୍ୟାଦାତା ପୂଜା ପାଇଥାନ୍ତି। ଏହି ପୂଜା ପରମ୍ପରା ସହରର ଏକ ଭିନ୍ନ ସାଂସ୍କୃତିକ ଭିତ୍ତିଭୂମି ସୃଷ୍ଟି କରିଛି। ଏଥର ଗଣେଶ ପୂଜା ପାଖେଇ ଆସୁଥିବାରୁ ମଣ୍ଡପ ଓ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ପ୍ରସ୍ତୁତି କାର୍ଯ୍ୟ ଯୋଗୁ ସବୁଠି ପରିବେଶ ଚଳଚଞ୍ଚଳ ହୋଇ ଉଠିଛି। ବିଭିନ୍ନ ବିଦ୍ୟାଳୟରେ ଗଣେଶ ପୂଜାଲାଗି ମଧ୍ୟ ଅନୁରୂପ ପ୍ରସ୍ତୁତି କରାଯାଉଥିବା ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ,ଭଦ୍ରକରେ ଦୀର୍ଘ ଏକମାସ ବ୍ୟାପୀ ବୁଢ଼ା ଗଣେଶ, ଟୋକା ଗଣେଶ, ପିଲା ଗଣେଶ, ଛୁଆ ଗଣେଶ, କୁନି ଗଣେଶଙ୍କୁ ପୂଜା କରାଯାଇଥାଏ। ଏଥିମଧ୍ୟରେ ଭଦ୍ରକ ପୁରୁଣା ବଜାରରେ ବୁଢ଼ା ଓ ଟୋକା ଗଣେଶ ପୂଜା ପାଇଥାନ୍ତି। କୁଆଁସରେ ପିଲା ଗଣେଶ ଏବଂ ଅସ୍ଥଳରେ ପୂଜା ପାଆନ୍ତି ପେଟୁଆ ଗଣେଶ । କୁଆଁସରେ ପିଲା ଗଣେଶ ନିର୍ମାଣ କାମ ୫୦ ପ୍ରତିଶତ ସରିଲାଣି । କୁଆଁସ ପୋଲ ଉପରେ ରଙ୍ଗ ବେରଙ୍ଗ ପତାକା ଲଗାଯିବା ପାଇଁ ବାଉଁଶ ବନ୍ଧାସରିଲାଣି । ମୂର୍ତ୍ତି କାମ ସରି ଆସିଲାଣି। କେବଳ ପୁଟି ମାରି ରଙ୍ଗ ଦିଆଯିବା ବାକି ଅଛି। ପୁରୁଣାବଜାର ଟୋକା ଗଣେଶ ପୂଜା ଅନ୍ୟ ପୂଜା କମିଟିଠାରୁ ଟିକେ ନିଆରା । ଚାନ୍ଦିମେଢ ଏହି ପୂଜାର ବିଶେଷତ୍ୱ। ଏହି ଅବସରରେ ବନ୍ଧୁମିଳନ ଉତ୍ସବ ଆୟୋଜନ ଓ ଭିନ୍ନ ଭସାଣି ପର୍ବ କରାଯିବା ଏହାକୁ ସ୍ୱତନ୍ତ୍ର କରିଛି। ପୂଜା କମିଟିର କର୍ମକର୍ତ୍ତା କହନ୍ତି, ୧୯୭୦ରେ ଅଳ୍ପ କିଛି ଲୋକଙ୍କୁ ନେଇ ଏହି ପୂଜା ଆରମ୍ଭ ହୋଇଥିଲା। ବର୍ତ୍ତମାନ ପୂଜା କମିଟି କର୍ମକର୍ତ୍ତାଙ୍କ ସଂଖ୍ୟା ଶହେ ଟପିଲାଣି । ମୂର୍ତ୍ତି କାମ ପ୍ରାୟ ୪୦ ଭାଗ ସରିଗଲାଣି। କାରିଗର ଓ କର୍ମକର୍ତ୍ତାମାନେ ଦିନରାତି ଏକ କରି କାମରେ ଲାଗି ପଡ଼ିଛନ୍ତି ।

ପୁରୁଣାବଜାରର ବହୁ ପୁରାତନ ବୁଢ଼ା ଗଣେଶଙ୍କୁ ନେଇ ଏଠାରେ ଅନେକ ଲୋକକଥା ଓ କିମ୍ବଦନ୍ତୀ ରହିଛି । ମୋଗଲ ସମୟରୁ ବୁଢ଼ା ଗଣେଶ ପୂଜାପାଇ ଆସୁଛନ୍ତି। ବଂଶୀ ବଲ୍ଲଭ ଗୋସ୍ୱାମୀଙ୍କ ମୋଗଲ ତାମ୍‌ସା ବନ୍ଦନାରେ ବୁଢ଼ା ଗଣେଶଙ୍କ ବର୍ଣ୍ଣନା ଏହାକୁ ପ୍ରମାଣିତ କରୁଛି । ଏହି ଗଣେଶପୂଜାର ବିଶେଷତ୍ୱ ଯେ ଏଠାରେ ଗଣେଶ ଚତୁର୍ଥୀଠାରୁ ମାସେ ଯାଏଁ ମୂର୍ତ୍ତି ପୂଜା ପାଇଥାନ୍ତି। ବର୍ଷର ଅନ୍ୟ ସମୟରେ ସ୍ଥାୟୀ ପୂଜା ମଣ୍ଡପରେ କେବଳ ଫଟୋ ପୂଜା କରାଯାଇଥାଏ। । ଏହି ପୂଜା ମଣ୍ଡପଗୁଡ଼ିକରେ ସାଜସଜ୍ଜା ପ୍ରତିବର୍ଷ ଭିନ୍ନ ଭିନ୍ନ ହୋଇଥାଏ । ଗଣେଶଙ୍କ ଭିନ୍ନ ଭିନ୍ନ ବୟସକୁ ନେଇ ଏଠି ମୂର୍ତ୍ତି ତିଆରି କରି ପୂଜା କରାଯିବା ପରମ୍ପରା ନିଆରା ଆକର୍ଷଣ ହୋଇ ରହିଛି। କାରିଗରମାନେ ବୟସକୁ ଦୃଷ୍ଟିରେ ରଖି ବୁଢ଼ା ଗଣେଶ ପ୍ରତିମୂର୍ତ୍ତିକୁ ବୁଢ଼ାଭଳି ତିଆରି କରିଥାନ୍ତି। ଦୁଇପାର୍ଶ୍ୱରେ ରହିଥାନ୍ତି ଲକ୍ଷ୍ମୀ ଓ ସରସ୍ୱତୀ । ଆଶୀର୍ବାଦ ମୁଦ୍ରାରେ ମହାଦେବଙ୍କ ମୂର୍ତ୍ତିର ଦୁଇ ପାର୍ଶ୍ୱରେ ରହନ୍ତି ନନ୍ଦୀ ଭୃଙ୍ଗୀ । ହିନ୍ଦୁ, ମୁସଲମାନ ସମେତ ସବୁ ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କ ପୂର୍ଣ୍ଣ ସହଯୋଗରେ ବୁଢ଼ା ଗଣେଶଙ୍କ ପୂଜା ଧୁମ୍‌ଧାମରେ ହୋଇଥାଏ । ମାସକ ପରେ ବୁଢ଼ା, ଟୋକା ଓ ପିଲା ଗଣେଶଙ୍କ ଭସାଣି ଉତ୍ସବ ପୂର୍ବରୁ ପୃଥକ ପୃଥକ ଭାବେ ଅନୁଷ୍ଠିତ ହୋଇଆସୁଥିଲା । ଗତ ୨ ବର୍ଷ ଧରି ପ୍ରଶାସନିକ କଟକଣା କାରଣରୁ ଶୋଭାଯାତ୍ରାକୁ ବାଦ୍ ଦିଆଯାଇ କେବଳ ବାଦ୍ୟଯନ୍ତ୍ରରେ ଭସାଣି କରାଯାଉଛି। ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଏଯାଏ ଗଣେଶପୂଜା ଲାଗି ସମନ୍ୱୟ କମିଟି ବୈଠକ ବସି ନାହିଁ। ଏଣୁ ଭସାଣିକୁ ନେଇ କୌଣସି ସ୍ପଷ୍ଟଚିତ୍ର ମିଳିପାରିନାହିଁ।



ପିଲା ଗଣେଶ ମୂର୍ତ୍ତି ତିଆରି ଚାଲିଛି, ରଙ୍ଗ ଦିଆଯାଇନାହିଁ।

## କାର୍ଯ୍ୟାଦେଶ ପାଇ ହିତାଧିକାରୀ ହଇରାଣ

ବନ୍ତ,୨୭।୮(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକରେ ସ୍ୱଚ୍ଛ ଭାରତ ମିଶନ ଜରିଆରେ ଗ୍ରାମାଞ୍ଚଳର ହିତାଧିକାରୀଙ୍କୁ ପାଇଖାନା ଯୋଗାଣ କ୍ଷେତ୍ରରେ ବିଭିନ୍ନ ଅନିୟମିତତା ହୋଇଥିବା ପଦାକୁ ଆସିବାରେ ଲାଗିଛି। କେତେକ ହିତାଧିକାରୀ ପାଇଖାନା ନିର୍ମାଣ କରି ପ୍ରାପ୍ୟ ପାଇ ନ ଥିବା ଏବଂ କାର୍ଯ୍ୟ ସରିବା ପରେ ଅନ୍‌ଲାଇନରେ ନାମ ନ ଥିବା କୁହାଯାଉଥିବାରୁ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ବନ୍ତ ବ୍ଲକ ଅଧୀନ ନିଳୋକ ଗ୍ରାମର ଜଣେ ବ୍ୟକ୍ତି ଜିଲା ଜଳ ଓ ପରିମଳ ବିଭାଗ ଅଧୀନ ବନ୍ତ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚିଠି ନଂ.୧୬୮ ଅନୁଯାୟୀ ପାଇଖାନା ନିର୍ମାଣ କାର୍ଯ୍ୟାଦେଶ ପାଇଥିଲେ । ସେ ପାଇଖାନା ନିର୍ମାଣ ସାରି ବିଲ୍ ପାଇବାକୁ ଯୋଗାଯୋଗ କରିବା ପରେ ତାଙ୍କର ନାମ ଅନଲାଇନ୍‌ରେ ନ ଥିବା ବିଭାଗୀୟ କର୍ମଚାରୀମାନେ କହିଛନ୍ତି । ବିଭାଗୀୟ କର୍ମଚାରୀମାନେ ଆସି କେବଳ ଫଟୋ ଉଠାଇ ନେଇଯାଇଛନ୍ତି। ସମ୍ପୃକ୍ତ ହିତାଧିକାରୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କୁ ଜଣାଇଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁ ନ ଥିବା କହିଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ରଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି ଦେଖିବେ ବୋଲି କହିଛନ୍ତି।

# କାର୍ଯ୍ୟକ୍ଷମ ହେଲା ମତୋ ବିଦ୍ୟୁତ୍ ଷ୍ଟ୍ରକ୍‌ଚର



ମତୋ ବିଦ୍ୟୁତ ଷ୍ଟ୍ରକ୍ଚର ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ।

ଚାନ୍ଦବାଲି,୨୭।୮(ଡି.ଏନ.ଏ.)

ବହୁ ପ୍ରତୀକ୍ଷିତ ୩୩/୧୧କେଭି ମତୋ ବିଦ୍ୟୁତ ଷ୍ଟ୍ରକ୍ଚର ମଙ୍ଗଳବାର କାର୍ଯ୍ୟକ୍ଷମ ହୋଇଛି । ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ ଠିକା କମ୍ପାନୀ ଏଲ ଆଣ୍ଡ ଟିର ଅଧିକାରୀମାନେ ଏହାକୁ ନେସ୍କୋକୁ ହସ୍ତାନ୍ତର କରିଥିଲେ। ଏହାପରେ ପ୍ରଥମ ପର୍ଯ୍ୟାୟରେ ମତୋ ବଜାର ସମେତ ଗ୍ରାମାଞ୍ଚଳକୁ ବିଦ୍ୟୁତ ଯୋଗାଣ ଆରମ୍ଭ ହୋଇଥିଲା। ଏହି ଉଦ୍‌ଘାଟନ ବେଳେ ନେସ୍କୋର ଅଧୀକ୍ଷଣ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁ, ନିର୍ବାହୀ ଯନ୍ତ୍ରୀ ଦେବାଶିଷ ଜେନା, ଏସଡିଓ ଜିତେନ୍ଦ୍ର ବେହେରା, ଜେଇ ଅଜୟ କୁମାର ସାହୁ, ନିର୍ମାଣକାରୀ କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ଅରୂପ ବିନ୍ଦୁ, ଟେଷ୍ଟିଂ ଯନ୍ତ୍ରୀ ଚୟନ ମଣ୍ଡଳ, ଦୀପକ ସାହୁ, ଦେବାଶିଷ ବିଶ୍ୱାଳ, ତଦାରଖ ସଂସ୍ଥା ୱାପ୍‌କସ କମ୍ପାନୀର କର୍ମଚାରୀ, ନେସ୍କୋର ବହୁ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଷ୍ଟ୍ରକ୍ଚର କାର୍ଯ୍ୟକାରୀ ହେବା ଫଳରେ ମତୋ, ମାଧପୁର, ମଉସୁଧା, ଭାଟପଡା, ମହୁଲିଆ, ଚଡଦିଆ ଭଳି କେତେକ ପଞ୍ଚାୟତର ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ ।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ ଓ କର୍ମକର୍ତ୍ତା

ତିହିଡ଼ି,୨୭।୮(ଡି.ଏନ୍.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକର କୁବେରା ପଞ୍ଚାୟତ ଅଧୀନ ଏକ ଘରୋଇ ଶିକ୍ଷାନୁଷ୍ଠାନରେ କେତେକ ବ୍ୟକ୍ତି ବିଶୃଙ୍ଖଳା ସୃଷ୍ଟି କରିବା ଘଟଣା ନେଇ ପରିଚାଳନା କମିଟିର କର୍ମକର୍ତ୍ତା ଏବଂ ଅଭିଭାବକମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ବଜାୟ ରଖିବାକୁ ସେମାନେ ନିବେଦନ କରିଛନ୍ତି। ଜିଲାପାଳ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଜୟପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସ୍କୁଲ ପରିଚାଳନା କମିଟିର ସମ୍ପାଦକ ଭରତ ଚରଣ ବାରିକ, ସହସମ୍ପାଦକ ଶଶିକାନ୍ତ ରାଉଳ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ସାହୁ, ଉପସଭାପତି ଅଭୟ ନାୟକ, ସରପଞ୍ଚଙ୍କ ପ୍ରତିନିଧି ଯତୀନ୍ଦ୍ର ବେହେରାଙ୍କ ସମେତ ସଭ୍ୟା ପ୍ରତିଭାରାଣୀ ସାହୁ, ସୁନିତା ସାହୁ, ମାନସୀ ନାୟକ, ସତ୍ୟଭାମା ନାୟକ ପ୍ରମୁଖ ବିଦ୍ୟାଳୟ ସମସ୍ୟା ନେଇ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।

# ୧୮ ବର୍ଷ ପରେ ଅସହାୟ ପାର୍ବତୀଙ୍କୁ ମିଳିଲା ନ୍ୟାୟ

ପଦ୍ମପୁର, ୨୭।୮(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତର ମିଶ୍ରପୁର ଗ୍ରାମର ସ୍ୱାମୀ ପରିତ୍ୟକ୍ତା, ଅସହାୟ ମହିଳା ପାର୍ବତୀ ଦତ୍ତଙ୍କୁ ଦୀର୍ଘ ୧୮ ବର୍ଷ ପରେ ମିଳିଛି ନ୍ୟାୟ। ସେ ୨୦୦୦ ମସିହାରେ ମିଶ୍ରପୁର ଗ୍ରାମର ରାଜେନ୍ଦ୍ର ରାୟଙ୍କଠାରୁ ୬ ଡିସିମିଲ ଜମି କିଣିଥିଲେ ମଧ୍ୟ ସେଠାରେ ତିଆରି କରି ପାରି ନ ଥିଲେ। ଫଳରେ ଏକ ପଲିଥିନ ଟାଣି ସେ ମୁଣ୍ଡ ଗୁଞ୍ଜି ରହୁଥିଲେ। ଉଲ୍ଲେଖନୀୟ ଯେ, ପାର୍ବତୀ ଜମି କିଣି ନିଜ ନାମରେ ବାସୁଦେବପୁର ତହସିଲରୁ ପଟ୍ଟା ପାଇଥିଲେ ମଧ୍ୟ ଚକବନ୍ଦୀ ନକ୍ସାରେ ତାଙ୍କ ଜାଗାକୁ ଅନ୍ୟତ୍ର ନକ୍ସାଭୁକ୍ତ କରାଯାଇଥିଲା। ପାର୍ବତୀ ଘର କରିବାକୁ ଯିବା ବେଳେ କେତେକ ବ୍ୟକ୍ତି ଏଥିଲାଗି ତାଙ୍କୁ ବାଧା ଦେଇଥିଲେ। ଏ ନେଇ ପାର୍ବତୀ ବିଭିନ୍ନ ସମୟରେ ନାୟକାଣଡିହୀ ଥାନା ବାସୁଦେବପୁର ତହସିଲ, ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିବା ସହ କମିଶନରଙ୍କ କୋର୍ଟରେ ଆର୍‌ପି ମାମଲା(ନଂ ୫୫୩/୧୭) ରେ ନକ୍ସା ସଂଶୋଧନ ପାଇଁ ଆବେଦନ କରିଥିଲେ। କୋର୍ଟର ଫଇସଲା ଏଯାଏ ମିଳିପାରି ନ ଥିବାରୁ ସେ ପଲିଥିନକୁ ଆଶ୍ରା କରି ରହୁଥିଲେ। ଏ ନେଇ ପାର୍ବତୀ ସମ୍ପ୍ରତି ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିବାରୁ ସୋମବାର ଥାନାଧିକାରୀ ରତିକାନ୍ତ ଗିରି, ଏସ୍‌ଆଇ ନିରୋଦ କୁମାର ମଲ୍ଲିକ, ବାଲିମେଦ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ଉଭୟ ପକ୍ଷଙ୍କ କାଗଜପତ୍ର ଯାଞ୍ଚ କରି ଗ୍ରାମବାସୀ ଓ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରି ପାର୍ବତୀଙ୍କୁ ତାଙ୍କ ଜାଗାରେ ଗୃହନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଗ୍ରାମର ଭଦ୍ରଲୋକଙ୍କ ଉପସ୍ଥିତିରେ ଜମିର ମାପଚୁପ କରାଇ ଏହାର ସମାଧାନ କରି ଥାନାକୁ ଲିଖିତ ଭାବରେ ଜଣାଇବା ସକାଶେ ଥାନା ଅଧିକାରୀ ପରାମର୍ଶ ଦେଇ ଫେରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ଶାଖା ଗଠିତ

ଚାନ୍ଦବାଲି,୨୭।୮(ଡି.ଏନ.ଏ.)

ଶିବଦୁର୍ଗା ହାଇସ୍କୁଲ ପରିସରରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଚାନ୍ଦବାଲି ଶାଖାର ଏକ ସାଧାରଣ ବୈଠକ ବ୍ଲକ ସଭାପତି ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ସଭାପତି ପ୍ରକାଶ ନାୟକ, ସମ୍ପାଦକ ବିଦ୍ୟାଧର ଦାସ, ପ୍ରଧାନ ସଚିବ ନିକୁଞ୍ଜ କର, ମହାସଚିବ ସୁଶାନ୍ତ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ପୁହାଣ, ଗିରିଧାରୀ ଭଳ, ଉପସଭାପତି ରମାକାନ୍ତ ଦାସ, ତ୍ରିଲୋଚନ ଦାସ, ଜୟନ୍ତ ସାହୁ, ଭାସ୍କର ଉପାଧ୍ୟାୟ, ବଳରାମ ଦାସ, ଯୁଗ୍ମ ସମ୍ପାଦକ ଅନୁପ ଦାସ, ବିକ୍ରମ ସାହୁ, ସହ ସମ୍ପାଦକ ଲକ୍ଷ୍ମୀକାନ୍ତ ମହାଳିକ, ଦେବସ୍ମିତା ପରିଡା, ସଂଗଠନ ସମ୍ପାଦକ ବୀର ନାରାୟଣ ଦାସ, ନୃସିଂହ ବାରିକ, ଭୀମସେନ ଦାସ, ଚକ୍ରଧର ଜେନା, ବନବିହାରୀ ସିଂ, କୋଷାଧ୍ୟକ୍ଷ ପ୍ରଭାକର ସାମଲ, ନିରୀକ୍ଷକ ଶ୍ରୀକାନ୍ତ ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ପ୍ରଫୁଲ୍ଲ ଦାସ ଓ ସୁଦର୍ଶନ ସ୍ୱାଇଁ ମନୋନୀତ ହୋଇଛନ୍ତି। ବିଜୁସ୍ମୃତି ଭବନ ପରିସରରେ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଗୁରୁଦିବସ ମହାସମାରୋହରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି।

## ଜେଟ୍‌ଲୀଙ୍କ ବିୟୋଗରେ ଶୋକସଭା

ଭଣ୍ଡାରିପୋଖରୀ, ୨୭।୮(ଡି.ଏନ୍.ଏ.)

ଭାଜପାର ବରିଷ୍ଠ ନେତା, ସୁପ୍ରିମକୋର୍ଟ ବରିଷ୍ଠ ଆଇନଜୀବୀ ଅରୁଣ ଜେଟଲୀଙ୍କ ବିୟୋଗରେ ସୋମବାର ସନ୍ଧ୍ୟାରେ ଏକ ଶୋଭାସଭା ଭଣ୍ଡାରିପୋଖରୀ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଜେଟଲୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ କର, ଭୀମସେନ ନାୟକ, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ପ୍ରହ୍ଲାଦ ସାହୁ, ଗୋପୀନାଥ କର, ରବିନାରାୟଣ ସାହୁ, ପ୍ରଦ୍ୟୁମ୍ନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ।




ଶୋକସଭାରେ ଉପସ୍ଥିତ ଭାଜପା ନେତା।

## ୪୬ ମହିଳାଙ୍କୁ ଛତୁଚାଷ ତାଲିମ

ଭଦ୍ରକ ଅଫିସ, ୨୭।୮

ଆଦାନୀ ଗ୍ରୁପର ସିଏସ୍‌ଆର୍ ବିଭାଗ ପକ୍ଷରୁ ଆଦାନୀ ଫାଉଣ୍ଡେଶନ ଭଦ୍ରକ- ଚାନ୍ଦବାଲି ରେଳଧାରଣା ନିକଟରେ ବସବାସ କରୁଥିବା ବାସିନ୍ଦାଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଶିବିର କରିଆସୁଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେମାନଙ୍କୁ ଛତୁ ଚାଷ ନିମନ୍ତେ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି। ୧୫ ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪୬ ମହିଳାଙ୍କୁ ଛତୁଚାଷ ଲାଗି ସମ୍ପ୍ରତି ତାଲିମ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ଉଦ୍ୟୋଗୀ ମିନତୀ ଖଣ୍ଡୁଆଳ ଯୋଗ ଦେଇଥିଲେ। ଉଲ୍ଲେଖନୀୟ ଯେ, କୁଆମରାଠାରେ ଥିବା ଏହାର ଦକ୍ଷତା ବିକାଶ କେନ୍ଦ୍ର ଜରିଆରେ ୨୧୮ ଜଣଙ୍କୁ ଡିଜିଟାଲ ଶିକ୍ଷା ଦିଆଯିବା ସହ କଇଥଖୋଲା ପଞ୍ଚାୟତ କାର୍ଯ୍ୟାଳୟରେ ୫୪ ମହିଳାଙ୍କୁ ସିଲେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।




ତାଲିମ ଶିବିରରେ ଯୋଗଦେଇଥିବା ମହିଳା।

## ଆଦର୍ଶ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

ଭଣ୍ଡାରିପୋଖରୀ, ୨୭।୮(ଡି.ଏନ୍.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଠାରେ ଦିବଂଗତ ଆଦର୍ଶ ଶିକ୍ଷକ ଦୟାନିଧି ବେହୁରିଆଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ସହକାରୀ ବ୍ଲକ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ, ମନୋଜ ରାଉତରାୟ, ପ୍ରଫୁଲ୍ଲ ସାହୁ, ସୁରେନ୍ଦ୍ର ପଣ୍ଡା, ଯଦୁମଣି ଦାସ, ରବୀନ୍ଦ୍ର ଦାସ, ସୁରେଶ ସ୍ୱାଇଁ, ରମେଶ ବେହୁରିଆ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦୟାନିଧିଙ୍କ ଶିକ୍ଷକତା ଜୀବନର ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଅରୁଣ ବେହୁରିଆ ଧନ୍ୟବାଦ ଦେଇଥିଲେ।

# ସରିଛି ୭୦ ପ୍ରକଳ୍ପ, ୬୮ ଅଧାପନ୍ତରିଆ

ବନ୍ତ,୨୭।୮(ଡି.ଏନ୍.ଏ.)

**'ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ'**

- **୧୦ ପ୍ରକଳ୍ପ ଫେରସ୍ତ ହୋଇଛି**
- **୩୦ ପ୍ରକଳ୍ପ ଆରମ୍ଭ ହୋଇନି**

ଭଦ୍ରକ ଜିଲା ବନ୍ତ ବ୍ଲକରେ ଗତବର୍ଷ ଅଗଷ୍ଟରେ ଆରମ୍ଭ ହୋଇଥିବା 'ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ'ରେ ମଞ୍ଜୁର ହୋଇଥିବା ୧୭୮ଟି ପ୍ରକଳ୍ପ ମଧ୍ୟରୁ ୭୦ ପ୍ରକଳ୍ପ ଶେଷ ହୋଇଛି। ୬୮ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଛି। ୧୦ଟି ପ୍ରକଳ୍ପ ଫେରସ୍ତ ହୋଇଥିବା ବେଳେ ୩୦ ପ୍ରକଳ୍ପ କାମ ଏଯାଏ ଆରମ୍ଭ ହୋଇନାହିଁ।

ରାଜ୍ୟ ସରକାର ବ୍ଲକର ୨୫ଟି ପଞ୍ଚାୟତରେ ୧୭୮ଟି ପ୍ରକଳ୍ପରେ ୬ କୋଟି ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଘୋଷଣା କରିଥିଲେ। ବର୍ଷକ ମଧ୍ୟରେ କେତେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ଆବଶ୍ୟକ ସୁବିଧା ନ ଥିବାରୁ ୧୦ଟି ପ୍ରକଳ୍ପକୁ ବ୍ଲକ ପ୍ରଶାସନ ଫେରାଇ ଦେଇଥିବା ଜଣାଯାଇଛି। ବର୍ତ୍ତମାନ ସମସ୍ତ ପୋଖରୀରେ ପାଣି ଭର୍ତ୍ତି ହୋଇଥିବାରୁ ପାହାଚ ନିର୍ମାଣ କାମ ହୋଇପାରୁନାହିଁ । ଅନେକ ସ୍ଥାନରେ ନିର୍ମାଣ ସାମଗ୍ରୀ ପହଞ୍ଚିବା ସୁବିଧା ନ ଥିବାରୁ ପ୍ରକଳ୍ପ କାର୍ଯ୍ୟରେ ବାଧା ଉପୁଜୁଥିବା ପ୍ରଶାସନ କହିଛି । ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ ଯେଉଁ ସବୁ ସ୍ଥାନରେ କାମ ଆରମ୍ଭ ହୋଇନାହିଁ କିମ୍ବା ହୋଇପାରିବ ନାହିଁ ସେ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି । ପରବର୍ତ୍ତୀ ଅବସ୍ଥାରେ ପ୍ରକଳ୍ପ ସଂଶୋଧିତ ହୋଇ ଅର୍ଥ ଆସିଲେ କାମ କରାଯାଇ ପାରିବ ।

## ସଂକ୍ଷେପରେ

### ରେଳ ଓଭରବ୍ରିଜ କାର୍ଯ୍ୟ ପରିଦର୍ଶନ କଲେ ଜିଲାପାଳ

**ଜଳେଶ୍ୱର, ୨୭।୮:** ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୋମବାର ଭୋଗରାଇ ବ୍ଲକରେ ଥିବା ମିଳିତ ଜନଶୁଣାଣି ଶିବିରରେ ଯୋଗଦେବା ପାଇଁ ଯିବା ବେଳେ ଅଚାନକ ରାଜଘାଟ ଓ ଜଳେଶ୍ୱରଠାରେ ନୂତନ ଭାବେ ନିର୍ମାଣ ହେଉଥିବା ରେଳ ଓଭରବ୍ରିଜ ଓ ଆରଏମ୍‌ସିର ଦୈନିକ ବଜାର ପରିଦର୍ଶନ କରିଥିଲେ। ରେଳ ଓଭରବ୍ରିଜ କାର୍ଯ୍ୟ ତ୍ୱରାନ୍ୱିତ କରିବା ବିଷୟରେ ସେ ଆଲୋଚନା କରିବା ସହ ଦୈନିକ ବଜାରର ପାରିପାର୍ଶ୍ୱିକ ଅବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏହି ସମୟରେ ଜଳେଶ୍ୱର ପୂର୍ତ୍ତବିଭାଗ ଏସ୍‌ଡିଓ ମାନସ କୁମାର ସେଠୀ ଓ କନିଷ୍ଠଯନ୍ତ୍ରୀ ନିହାରକାନ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ କ୍ରୀଡ଼ାରେ ୫ଶହ ପ୍ରତିଯୋଗୀ

**ଭୋଗରାଇ, ୨୭।୮(ଡି.ଏନ.ଏ.):** ଭୋଗରାଇ ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଜଳେଶ୍ୱରପୁର ସରକାର ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ବିଭିନ୍ନ ହାଇସ୍କୁଲର ୫ଶହ ଛାତ୍ରୀଛାତ୍ର ଭଲିବଲ୍, କବାଡ଼ି, କ୍ରିକେଟ୍, ଦୌଡ଼କୁଦ ଓ ଯୋଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ବିଜୟ କୁମାର ସାହୁଙ୍କ ପୌରୋହିତ୍ୟରେ ସମ୍ମାନନୀୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ସାଧନକେନ୍ଦ୍ରରେ ସହକାରୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା, ଧରଣୀଧର ରାଉତ, ଶିକ୍ଷକନେତା ଆଶିଷ କୁମାର ବେହେରା, ସୁବ୍ରତ କୁମାର ଘରାଇ, ନଟରଞ୍ଜନ ଘରାଇ, ପ୍ରଶାନ୍ତ ମହାନ୍ତି, ବିଜୟାନନ୍ଦ ପଟ୍ଟନାୟକ, ଦୁର୍ଗାଶଙ୍କର ଜେନା ପ୍ରମୁଖ କ୍ରୀଡ଼ାର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ମତପ୍ରକାଶ ରଖିଥିଲେ। ପ୍ରତିକୂଳ ପାଗସତ୍ତ୍ୱେ କ୍ରୀଡ଼ା ଶିକ୍ଷକ ପ୍ରିୟକାନ୍ତ ଗିରି ପ୍ରତିଯୋଗିତା ପରିଚାଳନା କରିଥିଲେ।

### ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ପ୍ରଦାନ



**ବାହାନଗା, ୨୭।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣ ଗ୍ରାମର ଜଣେ ଭିନ୍ନକ୍ଷମ ଯୁବକଙ୍କୁ ବାଲେଶ୍ୱର ଏମ୍‌ପି ହାତପାଣ୍ଠିରୁ ଏକ ଯନ୍ତ୍ରଚାଳିତ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ଜିଲା ଉତ୍କଳ ବାଳାଶ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଓ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତରେ ଭିନ୍ନକ୍ଷମ ସନ୍ତୋଷ କୁମାର ବିଶ୍ୱାଳଙ୍କୁ ଏହି ଯନ୍ତ୍ରଚାଳିତ ଟ୍ରାଇସାଇକେଲ ଦିଆଯାଇଥିଲା। ସେ ସୋମବାର ଯନ୍ତ୍ରଚାଳିତ ଟ୍ରାଇସାଇକେଲ ଧରି ବ୍ଲକକୁ ଆସିବା ପରେ ଏବିଡିଓ ମାନସ କୁମାର ଚୌଧୁରୀ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ ବାରିକ୍ ତାଙ୍କୁ ସ୍ୱାଗତ କରି ତାଙ୍କୁ ସେହି ସାଇକେଲର କାଗଜପତ୍ର ପ୍ରଦାନ କରିଥିଲେ।

## ■ ରାସ୍ତା ପାଲଟିଛି ଦୁର୍ଗମ

# ଖମ୍ବ ପୋତି ପ୍ରତିବାଦ ଜଣାଇଲେ ଗ୍ରାମବାସୀ

**ବାଲିଆପାଳ, ୨୭।୮(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତ ଜଗାଇ ହାକାଣ୍ଡ ପୋଖରୀରୁ ମାଣିକ ସିମୁଳିଆସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ(ବିନ୍ଦୁ ଧର୍ମ)ଆଶ୍ରମ ପର୍ଯ୍ୟନ୍ତ ରାସ୍ତା ଦୁର୍ଗମ ହୋଇପଡିଛି। ଫଳରେ ଏହି ରାସ୍ତାରେ ଚାରିଚକିଆ ଯାନବାହନ ଚଳାଚଳକୁ ଗ୍ରାମବାସୀ ରାସ୍ତାରେ ଖମ୍ବ ପୋତି ବନ୍ଦ କରିଦେଇଛନ୍ତି।

ଗ୍ରାମ ଉନ୍ନୟନ ବିଭାଗର ୧ କି.ମି. ଦୂର ଏହି ରାସ୍ତା ଏବେ ପାଣି କାଦୁଅରେ ପଚ ପଚ ହେଉଛି। ରାସ୍ତାର ଅନେକ ଜାଗାରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହିଛି। ଫଳରେ ମାଟି କାଦୁଅ ଭର୍ତ୍ତି ଏହି ରାସ୍ତାରେ ଯାତାୟାତ କରିବା କଷ୍ଟସାଧ୍ୟ ହୋଇଛି। ଏପରିକି ପାଦରେ ଚାଲି କରି ଯିବା କଷ୍ଟକର ହୋଇଛି। ଛୋଟ ଛୋଟ ସ୍କୁଲ ପିଲା ଓ ବୟସ୍କ ଲୋକମାନେ ଏବେ ବର୍ଷା ଯୋଗୁ ରାସ୍ତାରେ ଯାଆସ କରିପାରୁନାହାନ୍ତି। ସେବା କେନ୍ଦ୍ରକୁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତମାନେ ହାକାଣ୍ଡ ପୋଖରୀ ପାଖରେ ସେମାନଙ୍କ ଗାଡି ରଖି ପାଣି ଓ କାଦୁଅରେ ଚାଲି ଚାଲି ଆସୁଛନ୍ତି। ଆଶ୍ରମର ଭକ୍ତମାନେ ପ୍ରାତଃ ଓ ସାନ୍ଧ୍ୟ ପ୍ରାର୍ଥନାସଭାକୁ ମଧ୍ୟ ଯିବାକୁ ପ୍ରମାଦ ଗଣୁଛନ୍ତି। ଆଶ୍ରମର ଭକ୍ତମାନେ ଓ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ଜିଲାପାଳ, ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଏମ୍‌ପି, ବିଧାୟକ ପ୍ରମୁଖଙ୍କୁ ବାରମ୍ବାର ଜଣାଇ ଏବେ ନିରାଶ ହୋଇ ବସିଛନ୍ତି। ସେମାନଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ଅଟକି ରହିଛି। ଚଳିତବର୍ଷ ବର୍ଷାରତୁ ଆରମ୍ଭ ହୋଇଯାଇଥିବାରୁ ଆଶ୍ରମର ଭକ୍ତମାନେ ଓ ଗ୍ରାମବାସୀ ରାସ୍ତାରେ ପାଣି କାଦୁଅକୁ ଦେଖି ଚାରିଚକିଆ ଯାନ ଗାଁ ଭିତରକୁ ପଶିବାକୁ ଦେଉନାହାନ୍ତି। ରାସ୍ତାରେ ସେମାନେ ଖୁମ୍ବ ପୋତି ସେମାନଙ୍କର ପ୍ରତିବାଦ ଜଣାଇଛନ୍ତି। ଦେଶ ସ୍ୱାଧୀନ ହେବାଠୁ ୭୦ ବର୍ଷ ଅତିକ୍ରାନ୍ତ ହୋଇଥିଲେ ବି ଏଭଳି ଦୁର୍ଗମ ରାସ୍ତା ଜନପ୍ରତିନିଧିମାନଙ୍କର ଦୃଷ୍ଟିଗୋଚରକୁ ନ ଆସିବା ପରିତାପର ବିଷୟ ବୋଲି ସେମାନେ ଅଭିଯୋଗ କରିଛନ୍ତି। ରାଜନୈତିକ ବାଛବିଚାର ଯୋଗୁ ଏହି ରାସ୍ତାର ପ୍ରଶସ୍ତୀକରଣ ହେଉନାହିଁ ବୋଲି କେତେଜଣ ବୟସ୍କ ଗ୍ରାମବାସୀ କହିଛନ୍ତି। ରାସ୍ତା ବନ୍ଦ ଯୋଗୁ ୧୦୨ ଓ ୧୦୮ ଗାଡି ଗାଁ ଭିତରକୁ ନ ଯାଇ ପ୍ରାୟ ୧ କି.ମି. ବ୍ୟବଧାନରେ ରହୁଛି। ଫଳରେ ପ୍ରସୂତି ଓ ସେମାନଙ୍କର ଅଭିଭାବକମାନେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଗ୍ରାମବାସୀ ଓ ଆଶ୍ରମର ଅନ୍ତେବାସୀ ଦାବି କରିଛନ୍ତି।



ଗ୍ରାମବାସୀ ପ୍ରତିବାଦ କରି ରାସ୍ତାରେ ଖମ୍ବ ପୋତିଛନ୍ତି।




ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି।

## ଅର୍ଥନୀତି ବିଭାଗରେ ସ୍ୱାଗତ ଉତ୍ସବ

**ରୂପସା, ୨୭।୮(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ସୋମବାର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସରୋଜ କୁମାର ପାଣି ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ କାଳୀଚରଣ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଓ କଠିନ ଅଧ୍ୟବସାୟୀ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ଲକ୍ଷୀରାମ ହାଁସଦା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ୩ ତୃତୀୟବର୍ଷ ଓ ଦ୍ୱିତୀୟବର୍ଷର ଛାତ୍ରୀଛାତ୍ର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଛାତ୍ରୀ ସ୍ୱାଭିମାନ ଜେନା, ରଶ୍ମିତା ବାରିକ, ମାନସୀ ରାଉଳ ଓ ଭାର୍ଗବୀ ପ୍ରିୟଦର୍ଶନୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ଗହଣରେ କୃତୀ ଖେଳାଳି।

## ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ସୋର, ୨୭।୮(ଡି.ଏନ.ଏ.)**

ସୋର ବ୍ଲକ ଅନ୍ତର୍ଗତ ଶିରାପୁର ଗ୍ରାମସ୍ଥିତ ଉଦୟନାରାୟଣ ନୋଡାଲ ହାଇସ୍କୁଲ ପରିସରରେ ଦୁଇ ଦିନିଆ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଆର୍‌ସିସି ରାମଚନ୍ଦ୍ର ନାୟକ ଯୋଗଦେଇ ପତାକା ଉତ୍ତୋଳନ କରି ଏହି କ୍ରୀଡାର ଶୁଭାରମ୍ଭ କରିଥିଲେ। ବରିଷ୍ଠ ବିଭାଗରୁ ୧୬୭ ଓ କନିଷ୍ଠ ବିଭାଗରୁ ୭୫ ଜଣ ଛାତ୍ର/ଛାତ୍ରୀ ଦୌଡ, ଯୋଗ, କବାଡି, ଖୋକୋ, ଲମ୍ଫଡିଆଁ, ଉଚ୍ଚ ଡିଆଁ ଓ ଭଲିବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଗଙ୍ଗାଧର ବାରିକ ଅତିଥି ପରିଚୟ ରଖିଥିବା ବେଳେ ସମସ୍ତ କ୍ରୀଡା ଶିକ୍ଷକ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକଙ୍କ ସହ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

## ■ ବ୍ଲକସ୍ତରୀୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା

# ୧୪୫ ଖେଳାଳି ଜିଲାସ୍ତରକୁ ଉନ୍ନୀତ

**ସିମୁଳିଆ, ୨୭।୮(ଡି.ଏନ.ଏ.)**

ସିମୁଳିଆ ବ୍ଲକ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମରେ ପରିଚାଳିତ ବ୍ଲକସ୍ତରୀୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା ମଙ୍ଗଳବାର ଅପରାହ୍ନରେ ଶେଷ ହୋଇଛି। ଦୌଡ଼, ରଗ୍‌ବୀ, କବାଡ଼ି, ଫୁଟବଲ, ଚେସ୍, ଖୋଖୋ, ସଫ୍‌ଟବଲ ଆଦି ବିଭିନ୍ନ ୭ଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୪୫ଜଣ ଖେଳାଳି ଜିଲାସ୍ତରକୁ ଉନ୍ନୀତ ହୋଇଛନ୍ତି। ଆସନ୍ତା ୬ ଓ ୭ତାରିଖରେ ବାଲେଶ୍ୱର ଖ୍ରୀଷ୍ଟିୟାନ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବରେ ସେମାନେ ଭାଗନେବେ।

ଏହି ଅବସରରେ ରଘୁନାରାୟଣ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋହନ ଚରଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନନୀୟ ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ, କାଞ୍ଚନ କମଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ପ୍ରସନ୍ନ କୁମାର ଧଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ସିଂହ ଓ ବିଦ୍ୟାଧର ମହାଳିକ ପ୍ରମୁଖ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ପିଲାମାନଙ୍କ ମଧ୍ୟରେ ଦୌଡ ପ୍ରତିଯୋଗିତା।

# 'ଖେଳ ପ୍ରତି ଆଗ୍ରହ ଦେଖାଅ'

**ଖଇରା, ୨୭।୮(ଡି.ଏନ.ଏ.)**

ଖଇରା ହାଇସ୍କୁଲ ପରିସରରେ ମଙ୍ଗଳବାର ୨ଦିନିଆ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି। ଉଦ୍‌ଘାଟନୀ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ପୌରୋହିତ୍ୟ କରିଥିଲେ। ମନ୍ତ୍ରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କ ମଧ୍ୟରେ ଖେଳ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଖଇରା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ, ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ସରପଞ୍ଚ ସୁଦର୍ଶନ ସେଠୀ, ସମିତିସଭ୍ୟା ନମିତା ବେହେରା, ପରିଚାଳନା କମିଟି ସଭାପତି ରାଧାରାଣୀ ନାୟକ, ଏବିଇଓ ଶ୍ରୀଧର ବେହେରା, ସମସ୍ତ ଶିକ୍ଷକ ସଂଗଠନର କର୍ମକର୍ତ୍ତା, ସିଆରସିସି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖଇରା ସ୍କୁଲର ବିଜ୍ଞାନ ଶିକ୍ଷକ ଜୟନ୍ତ କୁମାର ପଣ୍ଡା, ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ହାଇସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ, ସଟପୁଟ ଆଦି ପ୍ରତିଯୋଗିତା ପୂର୍ବତନ କ୍ରୀଡା ଶିକ୍ଷକ ରଘୁନାଥ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।



ଲୁଟ୍ ଯୋଜନାରେ ଗିରଫ ୨ ଅଭିଯୁକ୍ତ, ସାମଗ୍ରୀ ଜବତ।

## ■ ଡକାୟତି ଯୋଜନା ପଣ୍ଡ

# ଧରାପଡ଼ିଲେ ୨, ଖସିଗଲେ ୩

**ରେମୁଣା, ୨୭।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ୫ଜଣଙ୍କ ମଧ୍ୟରୁ ୩ଜଣ ଖସି ପଳାଇଯାଇଥିବାବେଳେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ଶୁଭ୍ରାଂଶୁ କୁମାର ନାୟକ ପ୍ରକାଶ କରିଛନ୍ତି।

ମନ୍ଦାରପୁର ପଞ୍ଚାୟତର ଜଗନ୍ନାଥପୁର ବ୍ରିଜ୍ ନିକଟରେ କୁଖ୍ୟାତ ଅପରାଧୀ ଈଶ୍ୱର ମଲ୍ଲିକ (୫୭) ସହଯୋଗୀଙ୍କ ସହ ଏକାଠି ହୋଇ ବଡ଼ଧରଣର ଡକାୟତି କରିବାର ଯୋଜନା କରୁଥିଲେ। ପୋଲିସ ସେଠାରେ ପହଞ୍ଚିବା ମାତ୍ରେ ସମସ୍ତେ ଦୌଡ଼ି ପଳାଇଥିଲେ। ଶ୍ୟାମରାଇପୁର ଗ୍ରାମର ଈଶ୍ୱର ଏବଂ ମିଟୁ ସିଂ ଧରାପଡ଼ିଥିଲେ। ସେମାନଙ୍କ ନିକଟରୁ ଗୋଟିଏ ଲେଖାଏଁ ବନ୍ଧୁକ, ଖଣ୍ଡା, ତେଲେଙ୍ଗା କଟୁରୀ, ଲୁହା ରଡ୍, ୩ଟି ଖାଲି ମଦ ବୋତଲ, ମୋବାଇଲ ଓ ବାଇକ ଜବତ କରାଯାଇଛି। ଏନେଇ ରେମୁଣା ଥାନାରେ ମାମଲା (ନଂ. ୧୧୯/୧୯) ରୁଜୁ କରାଯାଇ ଧାରା ୩୯୯, ୪୦୨ ଆଇପିସି ସହ ୨୫/୨୭ ଆର୍ମ ଆକ୍ଟରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ■ ଢାବାରେ ନାବାଳକଙ୍କ ମୃତ୍ୟୁ ଘଟଣା

# ସିବିଆଇ ତଦନ୍ତ, ଡିଏନଏ ପରୀକ୍ଷା ଦାବି

**ବାଲିଆପାଳ, ୨୭।୮(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ଇଡକୋ ଛକ ରାଜଧାନୀ ଢାବାରେ ନାବାଳକଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଓ ଡିଏନଏ ପରୀକ୍ଷା ପାଇଁ ବାଲିଆପାଳର ବିଭିନ୍ନ ସଂଗଠନ ଦାବି କରିଛନ୍ତି। ନିକଟରେ ଡାକ୍ତରୀ ରିର୍ପୋଟ ପ୍ରକାଶ ପାଇଥିବା ବେଳେ ନାବାଳକ ଜଣଙ୍କ ଆତ୍ମହତ୍ୟା କରିଛି ବୋଲି ସ୍ପଷ୍ଟ ହୋଇଛି। ଡାକ୍ତରୀ ରିପୋର୍ଟ ପ୍ରକାଶ ପାଇଲା ପରେ ଏହା ବାଲିଆପାଳବାସୀଙ୍କୁ ନିରାଶ କରିଛି। ଘଟଣାର ସିବିଆଇ ତଦନ୍ତ ନିରପେକ୍ଷ ଭାବେ କରାଯାଉ ବୋଲି ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ତାହା ଛଡା ଡାକ୍ତରୀ ପରୀକ୍ଷା ସନ୍ତୋଷଜନକ ହୋଇ ନ ଥିବାରୁ ଏହାର ଡିଏନଏ ପରୀକ୍ଷା କରାଯାଉ ବୋଲି ସେମାନେ ମଧ୍ୟ ଦୃଢ ଦାବି କରିଛନ୍ତି। ଏଚ୍‌ଆରପିସି ଉପରେ ସଂଗଠନ ଗୁଡିକର ଭରସା ଏବେ ତୁଟିଗଲାଣି ବୋଲି କାଳିପଦା ଗଣଚେତନା ମଞ୍ଚର କୁଶଧ୍ୱଜ ଜେନା, ଜିଲା କୃଷକ ଏକତା ମଞ୍ଚର ଉପଦେଷ୍ଟା ଅରୁଣ ଜେନା, ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘର ଅନୁଜ କୁମାର ମହାପାତ୍ର, ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ, ବାଲିଆପାଳ ଜାଗରଣ ମଞ୍ଚର ଆବାହକ କ୍ଷୀତିଶ କୁମାର ଜେନା ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ମଙ୍ଗଳବାର ଜଣାଇଛନ୍ତି।

# ୧୦ମାସ ପରେ ବସିବ ପଞ୍ଚାୟତ ସମିତି ବୈଠକ

## ଭଣ୍ଡୁର କରାଇବାକୁ ସଜବାଜ

**ଖଇରା, ୨୭।୮(ଡି.ଏନ.ଏ.)**

ଦୀର୍ଘ ୧୦ମାସ ପରେ ଅର୍ଥାତ ବୁଧବାର ଖଇରା ପଞ୍ଚାୟତ ସମିତିର ୬ଷ୍ଠ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ବିଭିନ୍ନ ଦୃଷ୍ଟିକୋଣରୁ ଏହି ବୈଠକ ଗୁରୁତ୍ୱ ବହନ କରୁଛି। ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ନିର୍ବାଚନରେ ଅସହଯୋଗ କରିବା ଅଭିଯୋଗରେ ଅଧ୍ୟକ୍ଷାଙ୍କୁ ଘେରିବାକୁ ବିଜେଡିର ଏକ ଗୋଷ୍ଠୀ ପ୍ରାକ୍ ଖସଡା ପ୍ରସ୍ତୁତ କରିଛନ୍ତି। ବୈଠକକୁ କୌଣସି ପ୍ରକାରେ ଭଣ୍ଡୁର କରିବାକୁ ଅର୍ଥାତ କୋରମ କରାଇ ନ ଦେବାକୁ ନକ୍ସା ମଧ୍ୟ ପ୍ରସ୍ତୁତ କରିଥିବା ଆଲୋଚନା ହେଉଛି। ବିଜେଡିର ଏହି ଗୋଷ୍ଠୀ ବୁଧବାର ବୈଠକ କରାଇ ନ ଦେବାକୁ ସକ୍ଷମ ହୁଅନ୍ତି ତେବେ ଖୁବ୍‌ଶୀଘ୍ର ଅନାସ୍ଥା ପ୍ରସ୍ତାବ ଡକାଇ ଅଧ୍ୟକ୍ଷାଙ୍କୁ ଗାଦିଚ୍ୟୁତ କରିବା ପାଇଁ ରାସ୍ତା ସୁଗମ ହୋଇଯିବ। ସେପଟେ ବୈଠକକୁ କୌଣସି ପ୍ରକାରେ ସଫଳ କରାଇବାକୁ ଅଧ୍ୟକ୍ଷା ଏବଂ ତାଙ୍କର ସମର୍ଥକମାନେ କସରତ ଚଳାଇଛନ୍ତି। ବିରୋଧୀ ଭାଜପା, କଂଗ୍ରେସ ସମର୍ଥିତ ଲୋକପ୍ରତିନିଧିମାନେ ଏକଜୁଟ ହୋଇ ଅଧ୍ୟକ୍ଷାଙ୍କୁ ସମର୍ଥନ ଦେବେ ବୋଲି ଜଣେ ଭାଜପା ସମର୍ଥିତ ସମିତି ସଭ୍ୟ କହିଛନ୍ତି। ନିୟମ ଅନୁଯାୟୀ ଯଦି ବୈଠକରେ ଏକ ତୃତୀୟାଂଶ ସଦସ୍ୟ ଉପସ୍ଥିତ ରୁହନ୍ତି, ତେବେ ବୈଠକ ସଫଳ ହେବା ସହ ଅଧ୍ୟକ୍ଷାଙ୍କ ବିଜୟ ହେଲା ବୋଲି କୁହାଯିବ। ଯଦି ସେ ଏଥିରେ ବିଫଳ ହୁଅନ୍ତି ତେବେ ବିରୋଧୀ ଗୋଷ୍ଠୀଙ୍କର ବାଜିମାତ ହେବ ତଥା ଅନାସ୍ଥା ପ୍ରସ୍ତାବ ପାଇଁ ରାସ୍ତା ସୁଗମ ହୋଇଯାଇପାରେ ବୋଲି ଖଇରା ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ଏଥିପାଇଁ ଉଭୟ ସମର୍ଥକ ଏବଂ ବିରୋଧୀଙ୍କ ମଧ୍ୟରେ ପୃଥକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ବୈଠକରେ ସବୁକିଛି ପରିଷ୍କାର ହୋଇଯାଇପାରେ ବୋଲି ପୂର୍ବାନୁମାନ କରାଯାଉଛି।

# କଠିନ ପରିଶ୍ରମ ଆଣିଦିଏ ସଫଳତା

**ବାଲେଶ୍ୱର ଅଫିସ, ୨୭।୮**

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ବ୍ରିଟିଶ୍ ହଲ୍ ପରିସରରେ ଆଦିବାସୀ ଛାତ୍ର ସଂଗଠନର ୪ର୍ଥ ବାର୍ଷିକ ସ୍ୱାଗତ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁକ୍ତ ୨, ଯୁକ୍ତ ୩ ଓ ପିଜି ଆଦିବାସୀ ଛାତ୍ରୀଛାତ୍ରମାନେ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ଅତିଥିମାନଙ୍କୁ ନିମନ୍ତ୍ରିତ କରି ବୈଠକକୁ ନେଇଥିଲେ।

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ଗୀତାଶ୍ରୀ ରାଏ ସ୍ୱାଗତ ସମାରୋହର ଶୁଭାରମ୍ଭ କରିଥିଲେ। ନୀଳଗିରି ତହସିଲଦାର ସୁଶ୍ରୀତା ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦିବାସୀ ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କଲେ ସଫଳତା ମିଳିଥାଏ ବୋଲି ପ୍ରେରଣା ଦେଇଥିଲେ। ବାଲେଶ୍ୱରର ଭିଜିଲାନ୍ସ ଡିଏସ୍‌ପି ଦକ୍ଷିଣ ଚରଣ ମୁର୍ମୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦିବାସୀ ଶିକ୍ଷା ଓ ସଭ୍ୟତାର ପ୍ରସାର ନିମନ୍ତେ ବକ୍ତବ୍ୟ ରଖିଥିଲେ। ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ରାଉତ ଯୋଗଦେଇ ଆଦିବାସୀ ସଂସ୍କୃତି ଓ ପରମ୍ପରାର ମହନୀୟତା ବ୍ୟାଖ୍ୟା କରିବା ସହିତ ମହାବିଦ୍ୟାଳୟର ସମ୍ମାନକୁ ଅଭିବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଯାଜପୁର ଜିଲା ନିଯୁକ୍ତି ଅଧିକାରୀ ଶଙ୍କର ମୁର୍ମୁ ଓ ଓଡ଼ିଶା ରାଜ୍ୟ ଆଦିବାସୀ ଛାତ୍ର ସଂଗଠନର ସଭାପତି ସୁକୁଲାଲ ମାରାଣ୍ଡି ଯୋଗଦେଇ ଯୁକ୍ତ ୨ ଓ ଯୁକ୍ତ ୩ ପାଠ୍ୟକ୍ରମରେ ସାନ୍ତାଳୀ ଭାଷାକୁ ଯୋଗ କରାଗଲେ ଆଦିବାସୀ ଶିକ୍ଷାର ପ୍ରସାର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବାଣିଜ୍ୟ ବିଭାଗର ଆସୋସିଏଟ୍ ପ୍ରଫେସର ଅଭିଜିତ ଦାସ ମାଗଣାରେ ଆଦିବାସୀ ଶିକ୍ଷା ଓ ପାଠ୍ୟକ୍ରମ ଇଗ୍ନୁରୁ ନେବା ପାଇଁ ମତପ୍ରକାଶ କରିଥିଲେ। ଅଧ୍ୟାପିକା ସଲମା ସୋରେନ୍ ଓ ସ୍ମୃତିରେଖା ଟୁଡୁ ଉପସ୍ଥିତ ଥିଲେ। ଆଦିବାସୀ ଛାତ୍ର ସଂଗଠନର ସଭାପତି ଶଙ୍କର ନାଥ ଟୁଡୁ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ମାରାଣ୍ଡି, ସମ୍ପାଦିକା ମଧୁସ୍ମିତା ଟୁଡୁ ସଂଯୋଜନା କରିଥିଲେ।




ଆଦିବାସୀ ଛାତ୍ର ସଂଗଠନର ବାର୍ଷିକ ସ୍ୱାଗତ ସମାରୋହରେ ମଞ୍ଚାସୀନ ଅତିଥି।

## ଆଜି କ'ଣ କେଉଁଠି

(ଭଦ୍ରକ)

- ଆଜାଦ (ସ୍ୱାଧୀନ) ଧୂଷୁରୀ ସ୍ମାରକୀ ଦିବସ ସମାରୋହ । ସ୍ଥାନ-ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସର। ସମୟ- ବୁଧବାର ଅପରାହ୍ନ ୩ଟା ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ସ୍ତ୍ରୀ ମୃତ: ସ୍ୱାମୀ ଥାନାରେ ଅଟକ

ଧାମନଗର ୨୭।୮(ଡି.ଏନ.ଏ.):ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା କାଶିମପୁର ଗ୍ରାମର ବଳରାମ ସେଠୀଙ୍କ ସ୍ତ୍ରୀ କାଜଲ ସେଠୀଙ୍କର ସୋମବାର ରାତିରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ତେବେ ଶ୍ୱଶୁର ଘର ଲୋକେ କରେଣ୍ଟ ଲଗାଇ ତାଙ୍କ ଝିଅକୁ ମାରି ଦେଇଥିବା ନେଇ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଧୂଷୁରୀ ଥାନା ପୋଲିସ ମୃତଦେହକୁ ମଙ୍ଗଳବାର ବ୍ୟବଚ୍ଛେଦ କରାଇସ୍ୱାମୀ ବଳରାମଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଥିବା କହିଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ପଦ୍ମପୁର, ୨୭।୮(ଡି.ଏନ୍.ଏ.):ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ଗ୍ରାମର ଜଣେ ବ୍ୟକ୍ତିଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଲଲିନ ବିଶ୍ୱାଳ। ଟାଟାର ଏକ ଘରୋଇ କମ୍ପାନୀରେ ସେ କାର୍ଯ୍ୟରତ ଥିଲେ। ଗତ ୨୩ ତାରିଖରେ ସେ ଟାଟାଠାରେ କମ୍ପାନୀକୁ କାମ କରିବା ପାଇଁ ଯାଉଥିବା ବେଳେ ସଡକ ଦୁର୍ଘଟଣାରେ ଆହତ ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ଏହି ମୃତ୍ୟୁ ଖବର ପହଞ୍ଚିବା ପରେ ପଦ୍ମପୁର ଅଞ୍ଚଳର ଶୋକର ଛାୟା ଖେଳିଯାଇଛି।

### ବ୍ଲକ୍ ସ୍ତରୀୟ ପଡ଼ୋଶୀ ଯୁବ ସମ୍ମିଳନୀ

ଚାନ୍ଦବାଲି,୨୭।୮(ଡି.ଏନ.ଏ.): ଘଣ୍ଟେଶ୍ୱର ସାରା ଆକାଶ କ୍ଲବ ଆନୁକୂଲ୍ୟରେ ଓ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଭଦ୍ରକ ଅଫିସ ସହଯୋଗରେ ବ୍ଲକସ୍ତରୀୟ ପଡ଼ୋଶୀ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳର ବହୁ ଯୁବତୀ ଓ ଯୁବକ ଏଥିରେ ଅଂଶ ଗ୍ରହଣ କରିଥିଲେ । କ୍ଲବର ସଭାପତି ସୁଧାକର ଧନୀଙ୍କ ଅଧକ୍ଷତାରେ ଘଣ୍ଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରଜେଶ କୁମାର ସେନାପତି, ଗ୍ରାମବିକାଶର ଭଦ୍ରକ ଜିଲା ସଂଯୋଜକ କିଶୋର କୁମାର ନାୟକ ମୁଖ୍ୟବକ୍ତା, ବିକାଶ କୁମାର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । କ୍ଲବର ମୁଖ୍ୟ ପରାମର୍ଶଦାତା କମିଟି ସଦସ୍ୟ ଦେବପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥଲେ। ମୃତ୍ୟୁଞ୍ଜୟ ଅଗସ୍ତି, କମଳାକାନ୍ତ ଧନୀ, ନରେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଜେଟଲୀଙ୍କ ସ୍ତୁତି ଚାରଣ

ଚାନ୍ଦବାଲି,୨୭।୮(ଡି.ଏନ.ଏ.): ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ବିୟୋଗରେ ଚାନ୍ଦବାଲି ଭାଜପା କାର୍ଯ୍ୟାଳୟରେ ସ୍ତୁତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ମଣ୍ଡଳ ସଭାପତି ଲଲାଟେନ୍ଦୁ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ପାଣି, କମଳାକାନ୍ତ ସୂତାର, ଚକ୍ରଧର ସାହୁଙ୍କ ସମେତ ଭାଜପା ନେତା ଓ କର୍ମୀ ଯୋଗ ଦେଇ ସ୍ୱର୍ଗତ ଜେଟଲୀଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ,୨୭।୮: ଭଦ୍ରକ ପୁରୁଣାବଜାରସ୍ଥିତ ସର୍ବ ପୁରାତନ ନାରାୟଣ ଚନ୍ଦ୍ର ହାଇସ୍କୁଲର ନୂତନ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅନୁସୂୟା ପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପୁରୁଣାବଜାର ଯୁବକ ସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ମିର୍ଜା ଇଜାଜ ବେଗ, ସେକ ନିଜାମ, ଇମରୋଜ ଖାଁ, ନସିମ ଖାଁ, ଜଫରୁଲ୍ଲା ଖାଁ, କାଳନ୍ଦୀ ବେହେରା, ତମିଜୁଦ୍ଦିନ ଖାଁ, ସେକ ରବ୍ବାନି, ହବିବୁଲା କାଦ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ଅବସରରେ ନେବା ପରେ ପଦବୀ ଫାଙ୍କା ପଡ଼ିଥିଲା। ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଏହି ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଉନ୍ନତ କରିବାକୁ ଅନୁସୂୟା ସହଯୋଗ ଲୋଡ଼ିଛନ୍ତି।

## ଆଗକୁ ବିଭିନ୍ନ ପର୍ବ: ବସିଲା ସମନ୍ୱୟ କମିଟି ବୈଠକ

# ରାତି ୧୦ ପରେ ବାଜିବନି ଡାକବାଜି

ଭଦ୍ରକ ଅଫିସ,୨୭।୮



ସମନ୍ୱୟ ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।

- ସଦ୍‌ଭାବନାର ରକ୍ଷା ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଜିଲାପାଳ
- ସୋସିଆଲ ମିଡ଼ିଆ ଉପରେ କଟକଣା ଜାରି ରହିବ

ଆଗକୁ ବିଭିନ୍ନ ପର୍ବପର୍ବାଣୀ। ଏଥିଲାଗି ସୋମବାର ସନ୍ଧ୍ୟାରେ ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ କକ୍ଷରେ ଏକ ସମନ୍ୱୟ କମିଟି ବୈଠକ ବସିଥିଲା। ଭଦ୍ରକ ସହରରେ ହେବାକୁଥିବା ବଡସରକାରଙ୍କ ପଞ୍ଚମ ବାର୍ଷିକ ଫତେ ଉତ୍ସବ, ମହରମ ପର୍ବ ଏବଂ ପ୍ରସିଦ୍ଧ ବୁଢା ଗଣେଶ, ଟୋକା ଗଣେଶ ଓ ପିଲା ଗଣେଶ ପର୍ବ ଶାନ୍ତି ଶୃଙ୍ଖଳାର ସହ କିପରି ପାଳନ କରାଯିବ ଏ ନେଇ ଆଲୋଚନା ହୋଇଥିଲା। ଜିଲାପାଳ ଜ୍ଞାନ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ୍, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଡେପୁଟି କଲେକ୍ଟର ଜୟଶ୍ରୀ ସେନାପତି, ଆଡିସିନାଲ ଏସ୍‌ପି କୈଳାସ ଚନ୍ଦ୍ର ପରିଡା ଓ ବିକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଚଉଦମହଲା ମୁସ୍‌ଲିମ୍ ଜମାତର ସଭାପତି ଏମ୍‌ଡ଼ି ଅବଦୁଲ ବାରୀଙ୍କ ସମେତ ଚଉଦ ମହଲା କମିଟି ସଦସ୍ୟ, ସମନ୍ୱୟ କମିଟି ପକ୍ଷରୁ ସଦସ୍ୟ ପବନ ବାଗଡିଆ, ବିଦ୍ୟାଧର ସାହୁ, ସୁଧାକର ରାଉତ, ମନୋରଞ୍ଜନ ସାହୁ, ପର୍ଶୁରାମ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଆସନ୍ତା ୨ତାରିଖରୁ ବୁଢା ଗଣେଶ, ଟୋକା ଗଣେଶ ଓ ପିଲା ଗଣେଶ ପର୍ବ, ୯ ତାରିଖରେ ମହରମପର୍ବ ଓ ୧୩ ତାରିଖରେ ଫତେ ଉତ୍ସବ ପାଳନ କରାଯିବ। ଏସବୁ ପର୍ବକୁ ସଦ୍‌ଭାବନାର ସହ ପାଳନ କରିବା ଲାଗି ଜିଲାପାଳ ସମସ୍ତଙ୍କର ସହଯୋଗ ଲୋଡିଥିଲେ। ରାସ୍ତାଘାଟ ମରାମତି, ବିଦ୍ୟୁତ୍ କାଟ ନିୟନ୍ତ୍ରଣ, ଆଲୋକ ବ୍ୟବସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଥିଲା। ଏଥର ଡିଜେ ବାଜିବା ଉପରେ କଟକଣା ଜାରି ସହ ରାତି ୧୦ଟାପରେ ମାଇକ୍ ବାଜି ପାରିବ ନାହିଁ ବୋଲି କୁହାଯାଇଥିଲା। ରାତି ୧୦ଟା ମଧ୍ୟରେ ତାଜିଆ ଶୋଭାଯାତ୍ରା ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସହରରେ ରାସ୍ତା ଉପରକୁ ମାଡି ତୋରଣ ବା ହୋର୍ଡ଼ିଙ୍ଗ ଲଗାଯାଇ ପାରିବ ନାହିଁ। ସୋସିଆଲ ମିଡ଼ିଆ ଉପରେ କଟକଣା ଜାରି ରହିବ। କାହାରିକୁ ଆକ୍ଷେପ କଲାଭଳି ସୋସିଆଲ ମିଡ଼ିଆରେ ମନ୍ତବ୍ୟ ପ୍ରକାଶ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନାଧିକାରୀମାନଙ୍କୁ କୁହାଯାଇଥିଲା। ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣ ଓ ସୁପରିଚାଳନା ନିମନ୍ତେ ପୋଲିସ୍ ବ୍ୟବସ୍ଥା କରାଯିବା ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ୍ ସୂଚନା ପ୍ରଦାନ କରିଥିଲେ।

## ଗଣେଶ ପୂଜା, ମହରମ ପାଇଁ ଶାନ୍ତି ବୈଠକ

ଧାମନଗର ୨୭।୮(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଶାନ୍ତି କମିଟି ତରଫରୁ ଥାନା ପରିସରରେ ଶାନ୍ତି କମିଟି ବୈଠକ ଏସଡିପିଓ ମନୋରଞ୍ଜନ ସାମଲଙ୍କ ଅଧକ୍ଷଧତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଣେଶ ପୂଜା ଭସାଣି ଏବଂ ମହରମ ପର୍ବ ଏକାସାଙ୍ଗରେ ପଡୁଥିବାରୁ ପୋଲିସ ପ୍ରଶାସନ ତରଫରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ଆୟୋଜନ କରାଯାଇଛି । ଗଣେଶ ପୂଜା ଓ ମହରମ ପର୍ବରେ ଡିଜେ ବାଦ୍ୟ ପରିବେର୍ତ୍ତ କେବଳ ସ୍ଥାନୀୟ ବାଦ୍ୟ ବ୍ୟବହାର କରାଯିବ। ସେହିପରି ମହରମ୍ ଆଖଡା ଯାତ୍ରା ବେଳେ କେବଳ ବାଡି ଖେଳ ପ୍ରଦର୍ଶନ କରାଯିବ। କୌଣସି ଧାରୁଆ ଅସ୍ତ୍ର ଯଥା ଖଣ୍ଡା,ଭୁଜାଲି ବ୍ୟବହାର କରାଯିବ ନାହିଁ । ଆସନ୍ତା ୨ ତାରିଖ ଗଣେଶ ପୂଜା ଠାରୁ ୯ ତାରିଖ ମହରମ ପର୍ବ ପର୍ଯ୍ୟନ୍ତ ବ୍ୟାପକ ପୋଲିସ ମୁତୟନ ପାଇଁ ସ୍ଥିର ହୋଇଥିଲା। ଏଥିସହ ଶାନ୍ତି କମିଟିକୁ ସମ୍ପୂର୍ଣ୍ଣ ତଦାରଖ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆଡିସନାଲ ତହସିଲଦାର ଲଗନଜିତ ବେହେରା,ବିଧାୟକ ବିଷ୍ଣୁ ଚରଣ ସେଠୀ, ଧାମନଗର ଥାନା ଆଇଆଇସି ମାନସ ଦେଓଙ୍କ ସମେତ ଶାନ୍ତି କମିଟିର ସମସ୍ତ ସଦସ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ସ୍ଥିତି ସମୀକ୍ଷା କଲେ ପୂର୍ବାଞ୍ଚଳ ଆଇଜି

ଭଦ୍ରକ ଅଫିସ,୨୭।୮

ନୂତନ ପୂର୍ବାଞ୍ଚଳ ଆଇଜି ଭାବେ ଯୋଗଦାନ କରିଥିବା ଦୀପ୍ତେଶ ପଟ୍ଟନାୟକ ମଙ୍ଗଳବାର ଭଦ୍ରକ ଗସ୍ତରେ ଆସି ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ସେ ଭଦ୍ରକ ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ଼ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ସେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ୍‌ଙ୍କ ସହ ଆଲୋଚନା କରିଥିଲେ। ପରେ ଏକ ବୈଠକରେ ଯୋଗ ଦେଇ ସମୀକ୍ଷା କରିଥିଲେ। ଜିଲାର ଦୁଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାସ ଓ କୈଳାସ ଚନ୍ଦ୍ର ପରିଡ଼ା, ଏସ୍‌ଡିପିଓ ଜଳନ୍ଧର ଜାଲି, ସମସ୍ତ ଡିଏସ୍‌ପି, ଜିଲାର ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ। ସାଧାରଣ ଲୋକେ ଯେପରି ପୋଲିସ ନିକଟରୁ ଉଚିତ ନ୍ୟାୟ ପାଇପାରିବେ ସେଥି ପ୍ରତି ଦୃଷ୍ଟି ଦେବା ସହ ଲୋକଙ୍କ ନିକଟତର ହେବାକୁ ପୂର୍ବାଞ୍ଚଳ ଆଇଜି ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୪ ମହଲା ଜମାତ୍‌ର ସଭାପତି ହାଜି ମହମ୍ମଦ ଅବଦୁଲ ବାରୀ, ଭଦ୍ରକର ବହୁ ଖବରଦାତା, ବସ ସିଣ୍ଡିକେଟ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ପଟ୍ଟନାୟକଙ୍କୁ ସାକ୍ଷାତ କରି ତାଙ୍କୁ ସ୍ୱାଗତ କରିଥିଲେ।

## ହାର ମାନି ନାହାନ୍ତି ମୋନିକା


ମୋନିକା ମହାପାତ୍ର।

ବନ୍ତ,୨୭।୮(ଡି.ଏନ୍.ଏ.)

ଦିବ୍ୟାଙ୍ଗ ହୋଇ ବି ନିଜ ପାଖରେ ହାର୍ ମାନିନାହାନ୍ତି ମୋନିକା । ଉଚ୍ଚ ଶିକ୍ଷାଲାଭ କରିବା ସହ ସେ ନୃତ୍ୟକଳାରେ ପାରଦର୍ଶିତା ହାସଲ କରିଛନ୍ତି । ଜନ୍ମରୁ ଶ୍ରବଣ ଶକ୍ତି କମ୍ ଥିଲେ ମଧ୍ୟ ଦୃଢ ମନୋବଳ ତାଙ୍କୁ ଆଗକୁ ନେବାରେ ସହାୟକ ହୋଇଛି।

ମୋନିକାଙ୍କ ଜନ୍ମସ୍ଥାନ ବରଗଡ ଜିଲା ଅତାବିରା ଥାନା ଅଧୀନ ଗୋଡଭଗା ଗ୍ରାମରେ । ତାଙ୍କ ମାତା ସଞ୍ଜୁକ୍ତା ଦାଶ ଓ ବାପା କିଶୋର ଚନ୍ଦ୍ର ମହାପାତ୍ର । ଉଚ୍ଚଶିକ୍ଷା ଲାଭ ପରେ ସେ ସେ ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର ବଳଭଦ୍ରପୁର ଗ୍ରାମର ବିକାଶ ରଞ୍ଜନ ଦେବତାଙ୍କୁ ବିବାହ କରିଛନ୍ତି। ତାଙ୍କୁ ବୟସ ଏବେ ୨୮ । ମୋନିକା କହନ୍ତି, ସେ ୮ମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ମାତା ପିତା ବରଗଡସ୍ଥିତ ସଂଗୀତ ନୃତ୍ୟ ବିଦ୍ୟାଳୟରେ ଡିପ୍ଲୋମା(ଓଡ଼ିଶୀ)ରେ ନାମ ଲେଖାଇଥିଲେ । ୨ ବର୍ଷ ନୃତ୍ୟ ଶିକ୍ଷା କରିବା ସମୟରେ ସେ ମାଟ୍ରିକ ପାସ୍ କରିଥିଲେ । ମାଟ୍ରିକ ପରୀକ୍ଷାରେ ସେ କୃତିତ୍ୱର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପରେ ୨୦୧୦ ମସିହାରେ ରାଉରକେଲାସ୍ଥିତ ଏସ୍‌କେଡିଏଭି ପଲିଟେକନିକ୍ସରେ ଡିପ୍ଲୋମା(ଆଇଟି) ପାସ୍ କରିଥିଲେ। ୨୦୧୧ରେ ସେ ଆଇଇଭି ସରକାରୀ ଚାକିରି କରିଥିଲେ । କିନ୍ତୁ ଅସୁସ୍ଥତା ଦୃଷ୍ଟିରୁ ୨ ବର୍ଷ ପରେ ସେ ଚାକିରି ଛାଡି ଦେଇଥିଲେ । ପରେ ସେ ବଙ୍ଗୀୟ ସଙ୍ଗୀତ ପରିଷଦ, ପଶ୍ଚିମବଙ୍ଗ ଆନୁକୂଲ୍ୟରେ ବରଗଡସ୍ଥିତ କଳାକଳ୍ପନା ଅନୁଷ୍ଠାନରୁ ଅଙ୍କନ ରତ୍ନ, ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱରରୁ ନୃତ୍ୟ ଶିକ୍ଷା ଲାଭ କରିଥିଲେ । ବର୍ତ୍ତମାନ ସେ ନୃତ୍ୟକଳାରେ ସ୍ନାତକୋତ୍ତର ଶିକ୍ଷା ଲାଭ କରୁଛନ୍ତି । ଏବେ ସେ ଗୃହିଣୀ ଜୀବନ ଅତିବାହିତ କରିବା ସହ ବନ୍ତସ୍ଥିତ ଏକ ପବ୍ଲିକ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କୁନି କୁନି ପିଲାଙ୍କୁ ନୃତ୍ୟ ଶିକ୍ଷା ଦେଉଛନ୍ତି। ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ ବି ତାଙ୍କୁ କୌଣସି ସରକାରୀ ସହାୟତା ମିଳି ନାହିଁ। ପାଠ ପଢିବା ସମୟରେ ହାଇସ୍କୁଲ ଓ କଲେଜରେ ଅନୁଷ୍ଠିତ ବିଭିନ୍ନ ଉତ୍ସବରେ ସେ ଓଡିଶୀ ନୃତ୍ୟ ପରିବେଷଣ କରି ବହୁ ପ୍ରମାଣପତ୍ର ହାସଲ କରିଛନ୍ତି। ନୃତ୍ୟ ସାଙ୍ଗକୁ ଖେଳକୁଦ୍‌ରେ ମଧ୍ୟ ସେ ବେଶ ପାରଙ୍ଗମ। ବହୁମୁଖୀ ପ୍ରତିଭାର ଅଧିକାରୀ ମୋନିକା ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବା ବିଡମ୍ବନା ବୋଲି ତାଙ୍କ ଶ୍ୱଶୁର ସୁରେଶ ଚନ୍ଦ୍ର ଦେବତା କହିଛନ୍ତି ।


ତେଲକୋଇ ଥାନା ଆଗରେ ଅଭିଯୋଗ କରିବାକୁ ଆସିଥିବା କିନ୍ନରମାନେ।

## କିନ୍ନରଙ୍କ ଠାରୁ ସୁନା ଚେନ, ଟଙ୍କା ଲୁଟ୍ ଅଭିଯୋଗ

ତେଲକୋଇ, ୨୭।୮(ଡି.ଏନ.ଏ.)–

କେନ୍ଦୁଝର ଜିଲା ତେଲକୋଇ ଥାନା ଅଧୀନ ୪୯ ନଂ. ଜାତୀୟ ରାଜପଥର ବାରହା ଦେବତାର ନିକଟରେ ସୋମବାର ରାତି ପ୍ରାୟ ୧୧ଟା ବେଳେ ୧୦ଜଣ କିନ୍ନରଙ୍କଠାରୁ ସୁନା ଚେନ ସାଙ୍ଗକୁ ନଗଦ ଟଙ୍କା ଲୁଟ ହୋଇଛି। ଜଣେ ଡ୍ରାଇଭର ଏହି ଲୁଟ ଘଟାଇଥିବା ମଙ୍ଗଳବାର କିନ୍ନରମାନେ ତେଲକୋଇ ଥାନାକୁ ଯାଇ ଏନେଇ ଅଭିଯୋଗ କରିଛନ୍ତି। ପଶ୍ଚିମ ଓଡିଶା କିନ୍ନର ସଂଘ ସଭାପତି ନମିତା ପରିଡା ଏବଂ କେନ୍ଦୁଝର, ଦେବଗଡ ଓ ପାଲଲହଡା କିନ୍ନର ସଂଘର ସଭାପତି ମହାମାୟାଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେମାନେ ଦର୍ଶାଇଥିଲେ, ସୋମବାର ରାତିରେ ସେମାନେ ରାସ୍ତାରେ ଠିଆ ହୋଇ ଟ୍ରକ ଚାଳକଙ୍କୁ ଟଙ୍କା ମାଗୁଥିଲେ। ପରମ୍ପରା ଅନୁଯାୟୀ ସେମାନେ ଏଭଳି ଟଙ୍କା ମାଗି ଆସୁଛନ୍ତି। କିନ୍ତୁ ଜଣେ ଡ୍ରାଇଭର ସେମାନଙ୍କ ଉପରେ ଜୁଲମ କରି ସେଠାରେ ସୁନା ଚେନ ଓ ଟଙ୍କା ଛଡ଼ାଇ ନେଇଯାଇଛନ୍ତି। ଏହି ଘଟଣାର ତଦନ୍ତ କରି ସେମାନଙ୍କୁ ସୁରକ୍ଷା ଦେବାପାଇଁ କିନ୍ନର ସଂଘ କର୍ମକର୍ତ୍ତା ଦାବି କରିଥିଲେ। ତେବେ ରାତି ୧୦ଟା ପରେ ରାସ୍ତାରେ କାହାକୁ ଟଙ୍କା ମାଗିବା ବେଆଇନ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା।

## ଅଟକ ନିର୍ବାହୀ ଅଧିକାରୀ ଉଦ୍ଧାର

ବାସୁଦେବପୁର, ୨୭।୮(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଞ୍ଚାୟତର ୭ ଜଣ ୱାର୍ଡ ସଭ୍ୟାସଭ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବପ୍ରସାଦ ପଣ୍ଡାଙ୍କୁ ମଙ୍ଗଳବାର ମଧ୍ୟାହ୍ନ ଠାରୁ ଅଟକ ରଖିଥିଲେ। ଅପରାହ୍ନ ୫ଟା ବେଳେ ବାସୁଦେବପୁର ପୋଲିସର ହସ୍ତକ୍ଷେପ ଫଳରେ ପଞ୍ଚାୟତ କାର୍ଯ୍ୟାଳୟରେ ଅଟକ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଣ୍ଡା ମୁକୁଳିଛନ୍ତି। ଏହି ପଞ୍ଚାୟତରେ ପ୍ରାୟ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ଓ କେତେକ ପ୍ରକଳ୍ପ ଚୟନରେ ୱାର୍ଡ ମେମ୍ବରଙ୍କ ସହମତି ନିଆ ନ ଯାଇ କାର୍ଯ୍ୟ କରାଯାଇଥିବା ଅଭିଯୋଗ ଆଣି ଏହି ୱାର୍ଡ ସଭ୍ୟାସଭ୍ୟମାନେ ନିର୍ବାହୀ ଅଧିକାରୀଙ୍କୁ ଘେରାଉ କରି କୈଫତ ତଲବ କରିଥିଲେ। ସେମାନେ ସନ୍ତୋଷ ଜନକ ଉତ୍ତର ନ ପାଇ ନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟାଳୟରୁ ବାହାରିବାକୁ ଦେଇ ନ ଥିଲେ। ଆଇଆଇସି ଉମାଶଙ୍କର ନାୟକ ପହଞ୍ଚି ୱାର୍ଡ ସଭ୍ୟାସଭ୍ୟଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

## ବିବାଦ ତୁଟାଇବାକୁ ଜିଲା ଶିକ୍ଷାଧିକାରୀଙ୍କ ଉଦ୍ୟମ

ଆରଡି, ୨୭।୮, (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଥିବା ଆଖଣ୍ଡଳମଣି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଅଭାବ ଜନିତ ବିବାଦ ପ୍ରଶାସନ ଲାଗି ଅଡୁଆ ସ୍ଥିତି ସୃଷ୍ଟି କରିଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଯାଉଥିବା ଏହି ବିଦ୍ୟାଳୟରେ ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ଶିକ୍ଷକଙ୍କ ମଧ୍ୟରେ ତାଳମେଳ ନ ରହିବା ଯୋଗୁ ଶିକ୍ଷାନୁଷ୍ଠାନ ପରିଚାଳନା ଠିକ୍ ଭାବେ ହୋଇ ପାରୁନାହିଁ। ସୋମବାର ଆରଡିରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଚାଲିଥିବା ବେଳେ କେତେକ ବ୍ୟକ୍ତି ଏହି ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ । ଜନଶୁଣାଣି ସରିବା ପରେ ଅପରାହ୍ନରେ ଶିକ୍ଷାଧିକାରୀ ଉକ୍ତ ବିଦ୍ୟାଳୟକୁ ଯାଇ ସମସ୍ୟା ସମ୍ପର୍କରେ ଜାଣିବାକୁ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଡାକି ଏକ ବୈଠକ କରିଥିଲେ। ଆରଡି ସରପଞ୍ଚ ଅରବିନ୍ଦ ପାତ୍ରୀ, ନାନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସରୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୨ ଘଣ୍ଟା ସମୟ ଧରି ବୈଠକ ଚାଲିଥିଲା। ଦୁଇ ଗୋଷ୍ଠୀର ଶିକ୍ଷକ ପରସ୍ପର ବିରୋଧରେ ଅଭିଯୋଗ ବାଢିଥିଲେ। ସେମାନେ ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ଭାବନା ସୃଷ୍ଟି କରିବା ଉଚିତ ନୁହେଁ ବୋଲି ଜିଲା ଶିକ୍ଷାଧିକାରୀ ବୁଝାଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ବିଦ୍ୟାଳୟର ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଥିଲେ । ଶେଷରେ ବିଦ୍ୟାଳୟ ସୁପରିଚାଳନା ଲାଗି ୨ ବର୍ଷ ଧରି ହୋଇ ପାରୁ ନ ଥିବା ଶିକ୍ଷାକମିଟି ଗଠନ, ବିଦ୍ୟାଳୟରେ ସ୍ଥାୟୀ ଫାଟକ ନିର୍ମାଣ, ଶିକ୍ଷୟିତ୍ରୀଶିକ୍ଷକଙ୍କ ଲାଗି ପାଇଖାନା ନିର୍ମାଣ ଆଦି ଆଲୋଚନାରେ ସ୍ଥାନ ପାଇଥିଲା।


ଶିକ୍ଷାଧିକାରୀ ବୈଠକରେ ଆଲୋଚନା କରୁଛନ୍ତି।

## ଟୁଇଟ୍ ପରେ ପାଞ୍ଚାଳୀଙ୍କୁ ମିଳିଲା ରାଶନ ସାମଗ୍ରୀ

ଭଦ୍ରକ ଅଫିସ, ୨୭।୮


ପାଞ୍ଚାଳୀଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି।

- ଏକକାଳୀନ ପାଇଲେ ୯ ମାସର ଚାଉଳ
- ତାଲିକାରେ ନାମ ଥିବା ତଦନ୍ତରୁ ଜଣାପଡିଲା
- ଯୋଗାଣ ଅଧିକାରୀ ତଦନ୍ତ କରି ଫେରିଲେ

ଭଦ୍ରକ ଜିଲାରେ ବହୁ ହିତାଧିକାରୀଙ୍କ ଖାଉଟି ସାମଗ୍ରୀ ହରିଲୁଟ୍ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଇ ଆସୁଛି। ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଅନହରପୁର ଗାଁର ପାଞ୍ଚାଳୀ ଜେନା ନାମ୍ନୀ ଜଣେ ହତାଧିକାରୀ ୯ ମାସ ଧରି ସାମଗ୍ରୀ ପାଇ ପାରି ନ ଥିଲେ। ଏ ନେଇ ନାନା ସନ୍ଦେହ ପ୍ରକାଶ ପାଇଥିଲା। ଏ ଗାଁ ନିକଟବର୍ତ୍ତୀ ଭଗବାନପୁର ଗାଁର ସାମାଜିକ କର୍ମୀ ସନ୍ତୋଷ ମହାପାତ୍ର ଏ ନେଇ ସୋମବାର ପୂର୍ବାହ୍ନରେ ଟୁଇଟ୍ କରି ଅନହରପୁର ଗାଁର ପାଞ୍ଚାଳୀଙ୍କ ଭଳି ଗରିବ ପରିବାର ରାଶନ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ ଓ ଧାମନଗର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟୁଇଟ୍ ଦେଖି ଯୋଗାଣମନ୍ତ୍ରୀ ଭଦ୍ରକ ଜିଲାପାଳଙ୍କୁ ତୁରନ୍ତ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ଜିଲା ଯୋଗାଣ ଅଧିକାରୀଙ୍କୁ ଉକ୍ତ ଗାଁକୁ ଯାଇ ତଦନ୍ତ କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜିଲା ଯୋଗାଣ ଅଧିକାରୀ ମିର୍ ରାଜା ଅଲ୍ଲୀ ଓ ଧାମନଗର ବ୍ଲକ ଯୋଗାଣ ଅଧିକାରୀ ମନୋରଞ୍ଜନ ମହାପାତ୍ର ଅନହରପୁର ଗାଁରେ ପହଞ୍ଚି ପାଞ୍ଚାଳୀଙ୍କ ଅବସ୍ଥା ବୁଲି ଦେଖିଥିଲେ। ସେ ପ୍ରକୃତରେ ଯୋଗ୍ୟ ହିତାଧିକାରୀ ଓ ତାଙ୍କ ନାଁରେ ରାଶନକାର୍ଡ ଥିବା ଜାଣି ସ୍ଥାନୀୟ ଡିଲରଙ୍କୁ ଡାକି ତାଲିକାରେ ତାଙ୍କ ନାଁ ଯାଞ୍ଚ କରାଯାଇଥିଲା। ପାଞ୍ଚାଳୀଙ୍କ ନାଁ ତାଲିକାଭୁକ୍ତ ଥିବା ତଦନ୍ତରୁ ଜଣାପଡିବାରୁ ୨୦୧୮ ଅକ୍ଟୋବର ସେ ପାଇ ନ ଥିବା ୯ ମାସର ୧ କୁଇଣ୍ଟାଲ ୮୦ କେଜି ଚାଉଳ ତାଙ୍କୁ ପ୍ରଦାନ କରାଯାଇଥିଲା। ଏହି ଘଟଣାରୁ ସରକାର ଯୋଗାଉଥିବା ଖାଉଟୀ ସାମଗ୍ରୀ କିଭଳି ବାଟମାରଣା ହେଉଛି, ତାହା ପଦାକୁ ଆସିଥିବାରୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହାର ତଦନ୍ତ କରି ପାଞ୍ଚାଳୀଙ୍କ ଖାଉଟି ସାମଗ୍ରୀ ଯିଏ ନେଇଛି ତାଙ୍କ ବିରୋଧରେ ଦୃଢ ପଦକ୍ଷେପ ନିଆଯିବ ବୋଲି ଜିଲା ଯୋଗାଣ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଭଗବାନପୁର ପଞ୍ଚାୟତରେ ଅନ୍ତୋଦ୍ୟୟ, ଅର୍ନ୍ନପୂର୍ଣ୍ଣା ଆଦି ଯୋଜନାରେ ବହୁ ପ୍ରିୟାପ୍ରୀତି ତୋଷଣ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉଥିବା ଅଭିଯୋଗ ଆସିଛି। ଏହାର ଉଚ୍ଚସ୍ତରୀୟ ଯାଞ୍ଚ କରା ଯାଉବୋଲି ସାଧାରଣରେ ମଧ୍ୟ ଦାବି ହେଉଛି।

## ସଂକ୍ଷେପରେ

### ଓଲଟିଲା ବାଉଁଶବୋଝେଇ ଅପେରା ଗାଡ଼ି

ଆନନ୍ଦପୁର,୨୭।୮(ସ୍ୱ.ପ୍ର.)- ଆନନ୍ଦପୁର ଥାନା ୫୩ ନଂ ରାଜ୍ୟ ରାଜପଥ ବାଲୁଙ୍କେଶ୍ୱର ଛକଠାରେ ଗୋଟିଏ ବାଉଁଶ ବୋଝେଇ ଅପେରା ଗାଡି ଓଲଟି ପଡିଥିବା ଜଣାପଡିଛି। ଏକ ଦଶଚକିଆ ବାଉଁଶ ବୋଝେଇ ଅପେରା ଗାଡି ଫକୀରପୁର ଗ୍ରାମ ପାର୍ଶ୍ୱରୁ ଅଣ ଓସାରିଆ କଂକ୍ରିଟ ରାସ୍ତା ଦେଇ ରାଜ୍ୟ ରାଜପଥକୁ ଆସୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ପାଣି ଖାଲକୁ ଓଲଟି ପଡିଥିଲା। ଦୁର୍ଘଟଣାରେ କାହାର କୌଣସି କ୍ଷତି ହୋଇ ନ ଥିବାବେଳେ ବାଉଁଶଗୁଡିକ ଗାଡିରୁ ଛିଟିକି ପାଣିରେ ପଡିଥିଲା। ସେଥିରେ ଥିବା କର୍ମଚାରୀମାନେ ପରେ ବାଉଁଶକୁ ପାଣିରୁ ଉଦ୍ଧାର କରିଥିଲେ। ଗାଡି ଓଲଟିବା ଫଳରେ ରାସ୍ତାର କିଛି ଅଂଶ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

### ଆକ୍ରମଣ କରି ୨ ଗିରଫ

ପାଟଣା,୨୭।୮(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ବାଉଁଶନାଳୀ ଗ୍ରାମର ୨ଜଣ ବ୍ୟକ୍ତିଙ୍କୁ ସାହାରପଡା ଫାଣ୍ଡି ଅଧିକାରୀ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ବ୍ୟକ୍ତି ହେଲେ ଗୁରୁଚରଣ ସିଦ୍ଧୁ ଓ ପୂର୍ଣ୍ଣ ସିଦ୍ଧୁ। ସୂଚନା ଅନୁଯାୟୀ ଗତ ରବିବାର ଉକ୍ତ ଗ୍ରାମର ପୁରୁଷୋତ୍ତମ ସିଂଙ୍କୁ ଏହି ଦୁଇ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ପାଟଣା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ.୧୧୧/୧୯) ରୁଜୁ କରି ଏଏସ ଆଇ ମନହୋର ମହାନ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରିଫ କରି କୋର୍ଟ ଚାଲାଣ କରିଛନ୍ତି।

### ବରିଷ୍ଠ ନାଗରିକଙ୍କୁ ସଙ୍ଗଠିତ ଉଦ୍ୟମ

ହାଟଡିହୀ,୨୭।୮(ସ୍ୱ.ପ୍ର.)- ହାଟଡିହୀ ବ୍ଲକ ନିକଟସ୍ଥ ସତସଙ୍ଗ ବିହାର ପରିସରରେ ବରିଷ୍ଠ ନାଗରିକ ପରିଷଦ ଗଠନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଶିଷ୍ଟ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ବାରିକ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକ ପରିଷଦ ରାଜ୍ୟ ଉପସଭାପତି ଅରୁଣ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ପରିଷଦ ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ତରଫରୁ ଥିବା ସୁବିଧା ସୁଯୋଗ ବିଷୟରେ ସୂଚନା ଦେଇଥିଲେ। ହାଟଡିହୀରେ ଖୁବ ଶୀଘ୍ର ଏକ ସ୍ଥାୟୀ ବରିଷ୍ଠ ନାଗରିକ ପରିଷଦ ଗଠନ କରାଯିବାକୁ ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଉପସ୍ଥିତ ସଭ୍ୟମାନଙ୍କ ମତାମତ ନେଇ ଆଗାମୀ ପରିଷଦର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହି ପରିଷଦ ବହୁ ଲୋକାଭିମୁଖୀ କାର୍ଯ୍ୟ କରିବା ସହିତ ଆଞ୍ଚଳିକ ସମସ୍ୟା ଉପରେ ଗୁରୁତ୍ୱ ଦେବ ବୋଲି ସଭାପତି କହିଥିଲେ। ହାଟଡିହୀ ପରିଷଦକୁ ରାଜ୍ୟସ୍ତରରୁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ରାଜ୍ୟ ଉପସଭାପତି କହିଥିଲେ। ବରିଷ୍ଠ ନାଗରିକ କାମପାଳ ନାୟକ ସଂଯୋଜନା କରିଥିବାବେଳେ ବିଶିଷ୍ଟ ସାମାଜିକ କର୍ମୀ ସତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ହାଟଡିହୀ ଅଞ୍ଚଳର ପ୍ରାୟ ୫୦ରୁ ଅଧିକ ବୟସ୍କ ବ୍ୟକ୍ତି ଯୋଗ ଦେଇଥିଲେ।

### ଭାଗବତ ଟୁଙ୍ଗିରେ ଆଲୋଚନାଚକ୍ର

ଆନନ୍ଦପୁର,୨୭।୮(ସ୍ୱ.ପ୍ର.)- ଆନନ୍ଦପୁର ପୌରପରିଷଦ ଫକୀରପୁର ଆଦ୍ୟବ୍ରହ୍ମ ଭାଗବତ ଟୁଙ୍ଗିରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଟୁଙ୍ଗିର ସଭାପତି ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ''ଭାଗବତରେ ମୁଁ'' ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ତ୍ରିଲୋଚନ ନାଥଶର୍ମା 'ଆତ୍ମା ହିଁ ସେହି ମୁଁ' ଯିଏ କି ଆମ ଶରୀରର ଧାରଣ କର୍ତ୍ତା ବୋଲି କହିଥିଲେ। ମୁଖ୍ୟଅତିଥି ବୃନ୍ଦାବନ ଗୁଇଁ ଭାଗବତ ଚାରି ଅକ୍ଷରର ମାହାତ୍ମ୍ୟ ସମ୍ପର୍କରେ ବୁଝାଇ କହିଥିଲେ। ସମ୍ମାନିତ ଅତିଥି ଭାବେ ବୈଦ୍ୟନାଥ ସାହୁ ଭାଗବତ ପଢିଲେ କାୟାମନୋବାକ୍ୟ ଶୁଦ୍ଧ ରହି ଭାଗବତ ପ୍ରେମରେ ହଜିଯିବା ପାଇଁ ଆମକୁ ସହାୟକ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଆଲୋଚନାଚକ୍ରରେ ଶିକ୍ଷକ ନରହରି ନାଥ, ବିଜୟ କୁମାର ଶେଣ୍ଠ, ବସନ୍ତ କୁମାର ସାହୁ, ନରେନ୍ଦ୍ର ପଣ୍ଡା, ରବୀନ୍ଦ୍ର ସାହୁ, ଗଙ୍ଗାଧର ସାହୁ, ନିରଞ୍ଜନ ପଣ୍ଡା, କାମପ୍ରସାଦ ଦାସ, ଅନୀଲ କୁମାର ସାହୁ, ରମାକାନ୍ତ ଓଝା, ଅନନ୍ତ ଚରଣ ଦେହୁରୀ, ଆନନ୍ଦ ଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବଢୁଛି ସାପ କାମୁଡ଼ାରେ ମୃତ୍ୟୁସଂଖ୍ୟା

- ସଚେତନତା ଅଭାବରୁ ହରାଉଛନ୍ତି ଜୀବନ
- ୪ବର୍ଷରେ ୨୬୩ଜଣଙ୍କ ମୃତ୍ୟୁ
- ଗାଁରେ ମିଳୁନି ପର୍ଯ୍ୟାପ୍ତ ପରିମାଣର ଇଞ୍ଜେକ୍ସନ

କେନ୍ଦୁଝର, ୨୭।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ସାପ କାମୁଡାରେ ଅସୁସ୍ଥ ଓ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଅନ୍ଧବିଶ୍ୱାସ ଏବଂ ସଚେତନତା ଅଭାବରୁ କେତେକ ଲୋକ ସର୍ପାଘାତରେ ଆକ୍ରାନ୍ତ ହୋଇ ହସ୍ପିଟାଲକୁ ଯିବା ପରିବର୍ତ୍ତେ ଗୁଣିଆ ପାଖକୁ ଯାଉଛନ୍ତି, ଯଦ୍ୱାରା ପ୍ରାଣ ହରାଉଛନ୍ତି। କେନ୍ଦୁଝରରେ ଗତ ୪ ବର୍ଷ ମଧ୍ୟରେ ୨୬୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଚିକିତ୍ସିତ ହୋଇ ସୁସ୍ଥ ହୋଇଛନ୍ତି। ସବୁଠାରୁ ଅଧିକ ଗରିବ ଓ ଗ୍ରାମ ତଥା ଆଦିବାସୀ ଅଞ୍ଚଳରେ ରହୁଥିବା ଲୋକ ସର୍ପାଘାତର ଶିକାର ହୋଇଥାନ୍ତି। ଅପହଞ୍ଚ ଇଲାକାରେ ସାପ କାମୁଡାରେ ବହୁ ଅସୁସ୍ଥ ହେଉଥିଲେ ହେଁ ତୁରନ୍ତ ଚିକିତ୍ସା ସୁବିଧା ନ ଥିବାରୁ ମୃତ୍ୟୁବରଣ କରିଥାନ୍ତି। ସେହିପରି ଅନେକ ସମୟରେ ଡାକ୍ତରଖାନାରେ ଆବଶ୍ୟକ ଇଞ୍ଜେକ୍ସନ ମିଳୁ ନ ଥିବାରୁ ଏବଂ ବିଳମ୍ବରେ ଚିକିତ୍ସା କାରଣରୁ ଗୁରୁତର ହୋଇ ମୃତ୍ୟୁବରଣ କରୁଛନ୍ତି। ଗ୍ରାମାଞ୍ଚଳରେ ଲୋକେ ସାଧାରଣତଃ ମାଟି ଘରେ ରହିବା ସହ ତଳେ ଶୋଇଥାନ୍ତି। ଏଣୁ ଶୋଇଥିବା ଅବସ୍ଥାରେ ସାପ କାମୁଡାର ଶିକାର ହୋଇଥାନ୍ତି। ସେହିପରି ଅନେକ ସମୟରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଜଡିବୁଟି ଚିକିତ୍ସା କରି ବା ପୂଜାପାଠ କରି ବା ଗୁଣିଆର ସହାୟତା ନେଇଥାନ୍ତି ସେଥିଲାଗି ମଧ୍ୟ କେତେକଙ୍କର ପ୍ରାଣହାନି ଘଟିଥାଏ।

କିଛିଦିନ ତଳେ ସଦର ବ୍ଲକ ଘୁଟୁରୁ ଗ୍ରାମର ମଦନ ମୁଣ୍ଡାଙ୍କ ଦୁଇ ଝିଅ ଘରେ ଶୋଇଥିବା ବେଳେ ସାପ କାମୁଡାର ଶିକାର ହୋଇ ଗୁରୁତର ହୋଇପଡିଥିଲେ। ବିଳମ୍ବରେ ସାପ କାମୁଡିବା ଜାଣିବା ଓ ଡାକ୍ତରଖାନା ପହଞ୍ଚିବା ବେଳକୁ ମୃତ୍ୟୁ ହୋଇଥିଲା। ହରିଚନ୍ଦନପୁର ବ୍ଲକର ବୁଢାଖମଣ ପଞ୍ଚାୟତର ବାଘୁଣୀଧୁଡା ଗ୍ରାମର ନେତ୍ରମଣି ଜୁଆଙ୍ଗଙ୍କ ସ୍ତ୍ରୀ ଓ ୨ ଝିଅ ଘରେ ତଳେ ଶୋଇଥିବା ବେଳେ ସାପ କାମୁଡି ଦେଇଥିଲା। ସଚେତନତା ଅଭାବରୁ ବିଳମ୍ବରେ ଡାକ୍ତରଖାନାରେ ପହଞ୍ଚିଥିଲେ ହେଁ ସେମାନଙ୍କ ମୃତ୍ୟୁ ହୋଇଥିଲା। ଏହିପରି ଅନେକ ଲୋକ ସଚେତନତା ଅଭାବ ଏବଂ ଠିକ ସମୟରେ ମେଡିକାଲରେ ପହଞ୍ଚି ପାରି ନ ଥିବାରୁ ମୃତ୍ୟୁବରଣ କରିଛନ୍ତି। ୨୦୧୫-୧୬ ରେ ୪୨ ଜଣ, ୨୦୧୬-୧୭ ରେ ୫୬ ଜଣ, ୨୦୧୭-୧୮ ରେ ୫୧ ଜଣ, ୨୦୧୮-୧୯ ରେ ୭୦ ଜଣ ଓ ୨୦୧୯ ରେ ଅଦ୍ୟାବଧି ୪୪ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସମସ୍ତ ଡାକ୍ତରଖାନାକୁ ଆବଶ୍ୟକ ପରିମାଣର ଇଞ୍ଜେକ୍ସନ ଯୋଗାଇଦେବା ଜରୁରୀ ବୋଲି ସାମାଜିକ କର୍ମୀ ରଞ୍ଜନ କୁମାର ତ୍ରିପାଠୀ କହିଛନ୍ତି। ସାପକାମୁଡାରେ ମୃତ୍ୟୁ ହେଉଥିବା ରୋଗୀଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଥାଏ। ଅନେକ ସମୟରେ କୌଣସି ଲିଗାଲ ସମସ୍ୟା ରହିଲେ ଲାବୋରେଟୋରିକୁ ରିପୋର୍ଟ ପଠାଇଯାଇଥାଏ, ଯାହାକି ଆସିବାରେ ବିଳମ୍ବ ହେଲେ କ୍ଷତିପୂରଣ ମିଳିବାରେ ବିଳମ୍ବ ଘଟେ। ଏ ସମ୍ପର୍କରେ ଆପାତଃକାଳୀନ ଅଧିକାରୀ ସୁରଞ୍ଜିକା ବେହେରାଙ୍କୁ ପଚାରିବାରୁ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ବ୍ୟବସ୍ଥା ଅଛି। ଏଥିପାଇଁ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଏବଂ ଆର ଆଇ ରିପୋର୍ଟ ଆବଶ୍ୟକ ହୋଇଥାଏ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ବୃତ୍ତି ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର ଜିଲାପାଳଙ୍କ ଦ୍ୱାରସ୍ଥ

କେନ୍ଦୁଝର, ୨୭।୮ (ସ୍ୱ.ପ୍ର.)-

ଡିଏମଏଫ ଅର୍ଥରେ ଛାତ୍ରୀଛାତ୍ର ମାନଙ୍କୁ ସ୍କଲାରସିପ (ଛାତ୍ରବୃତ୍ତି) ଦେବା ପାଇଁ ଅନୁଷ୍ଠିତ ହୋଇଥିବା ଚୟନ ପରୀକ୍ଷାରୁ ସଦର ବ୍ଲକର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କାଉଁରୀକଳାର ୭ଜଣ ଛାତ୍ରୀଛାତ୍ର ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଗଷ୍ଟ ୨୪ ରେ ନିର୍ଦ୍ଧାରିତ ସମୟରେ ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ସେଠାରେ ପରୀକ୍ଷା ପରିଚାଳକ ସେମାନଙ୍କୁ ପରୀକ୍ଷା ଦେବାରେ ବାରଣ କରିବାରୁ ନିରାଶ ହୋଇ ଫେରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ଅଛି। ଏଣୁ ସେମାନଙ୍କୁ ପୁଣି ଥରେ ପରୀକ୍ଷା ଦେବାକୁ ସୁଯୋଗ ଦେବା ସହ ସେମାନଙ୍କ ବାରଣ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

- ହାତୀ ଉପଦ୍ରବ ଜାରି

## ଗାଁ ଛାଡ଼ିଲେ ୩ ପରିବାର



ହାତୀ ଉପଦ୍ରବରେ ଭାଙ୍ଗିଥିବା ଘର।

କେନ୍ଦୁଝର, ୨୭।୮ (ସ୍ୱ.ପ୍ର.)-

କେନ୍ଦୁଝର ଜିଲା ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ କଣ୍ଡକଳା ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ଗରିବ ଲୋକ ସର୍ବଶାନ୍ତ ହୋଇପଡୁଛନ୍ତି। ଉପଯୁକ୍ତ କ୍ଷତିପୂରଣ ମିଳୁ ନ ଥିବାରୁ ଗରିବ ଆଦିବାସୀ ମାନେ ଘରବାଡି ସଜାଡି ପାରୁନାହାନ୍ତି। ସୁରକ୍ଷା ଅଭାବରୁ ବାଧ୍ୟ ହୋଇ ଗ୍ରାମ ଛାଡି ଅନ୍ୟ ଗ୍ରାମରେ ଓ ଅନ୍ୟ ଘରେ ମୁଣ୍ଡ ଗୋଞ୍ଜି ମୂଲମଜୁରୀ କରି ବଞ୍ଚୁଛନ୍ତି। ସେମାନେ ହେଲେ ସାଉଁତି ମୁଣ୍ଡା, ମଙ୍ଗଳ ମୁଣ୍ଡା ଓ ଦ୍ରୁପତି ପାତ୍ର। ଗତ ୧୨ ତାରିଖରେ ହାତୀ ଉପଦ୍ରବ ଯୋଗୁଁ ସେମାନଙ୍କର ଘରଦ୍ୱାରା ଭାଙ୍ଗି ଯାଇଥିଲା। ସାଉଁତି ମୁଣ୍ଡାଙ୍କର ଛୁଆପିଲା ୭ ପ୍ରାଣୀ ବାଧ୍ୟ ହୋଇ ପଡୋଶୀ ଲକ୍ଷ୍ମଣ ମୁଣ୍ଡା ନାମକ ଜଣଙ୍କ ଘରେ ରହି ଗାଈ ଚରାଉଥିବା ଜଣାପଡିଛି। ସେହିପରି ମଙ୍ଗଳ ମୁଣ୍ଡା ଗାଁ ଛାଡି ସିଂପୁର ପଞ୍ଚାୟତର କୁଶକଳା (କରାଳପଶି) ଗ୍ରାମରେ ଗୋରୁଗାଈ ଚରାଇ ରହୁଛନ୍ତି। ହାତୀ ଉପଦ୍ରବରେ କାନ୍ଥ ପଡି ମଙ୍ଗଳ ଗୁରୁତର ଆହତ ହୋଇଥିଲା। କିନ୍ତୁ ସାମାନ୍ୟ ଚିକିତ୍ସା କରି ଛାଡିଦିଆଯାଇଥିବାରୁ ସେ ବହୁ ଅସୁବିଧାରେ ଚଳୁଛନ୍ତି। ସେମାନେ ଅଦ୍ୟାବଧି ସରକାରୀ ସହାୟତା ପାଉନାହାନ୍ତି। ହାତୀ ଭଙ୍ଗା ବାବଦକୁ କ୍ଷତିପୂରଣ ଦେବା ସହ ଇନ୍ଦିରାଆବାସ ଯୋଗାଇବା ବ୍ୟବସ୍ଥା ଥିବାବେଳେ ସେମାନଙ୍କୁ ଘର ମରାମତି ପାଇଁ କିମ୍ବା ମୁଣ୍ଡ ଗୋଞ୍ଜିବା ପାଇଁ ପାଲ ଖଣ୍ଡେ ମିଳି ନ ଥିବାରୁ ଏଭଳି ଅବସ୍ଥାରେ ରହୁଥିବା ସ୍ଥାନୀୟ ସାମାଜିକ କର୍ମୀ ପଞ୍ଚାନନ ଖମାଣିଆ କହିଛନ୍ତି। ଏଣୁ ସେମାନଙ୍କୁ ସହାୟତା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଚୋର ସନ୍ଦେହ କରି ମାଡ଼

ଯୋଡ଼ା, ୨୭।୮(ଡି.ଏନ.ଏ.)

ଯୋଡା ସହରର ଗାନ୍ଧିଛକ ନିକଟରେ କେତେକ ଉନ୍ମତ୍ତ ଯୁବକ ଜଣେ ଅସହାୟ ଯୁବକଙ୍କୁ ଚୋର ସନ୍ଦେହ କରି ଉମ୍ପର ଡାଲାରେ ବାନ୍ଧି ମାଡ ମାରିବା ଓ ତାଙ୍କୁ ଟ୍ରକ ପଛପଟେ ବାନ୍ଧି ଟ୍ରକ ଚଳାଇବା ଭଳି ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ମଙ୍ଗଳବାର ଅପରାହ୍ନ ୪ ଟା ସମୟରେ ଯୋଡାର ଏକାଧିକ ଯୁବକ ମିଶି ଉକ୍ତ ଅସହାୟ ଯୁବକଙ୍କୁ ପ୍ରବଳ ମାଡ ମାରୁଥିଲେ। ସେ ପିଟିଓ ପମ୍ପ ଓ ଗାଡିର କେତେକ ଯନ୍ତ୍ରାଂଶ ଚୋରି କରି ନେଇଥିବା ଅଭିଯୋଗ କରି ନିର୍ମମ ଭାବେ ମାଡ ମାରୁଥିଲେ। ଘଟଣାସ୍ଥଳରେ ଶତାଧିକ ଲୋକ ଉପସ୍ଥିତ ରହି ଦେଖୁଥିବା ବେଳେ କେହି ହେଲେ ସେମାନଙ୍କୁ ବାରଣ କରୁନଥିଲେ। ଓଲଟା ମୋବାଇଲ ଯୋଗେ ଏହି ଘଟଣାର ଭିଡିଓ ସୁଟିଂ କରୁଥିଲେ। ଦୁଇ ଜଣ ବ୍ୟକ୍ତି ଏହି ରାସ୍ତା ଦେଇ ଯାଉଥିବା ବେଳେ ଏହି ଘଟଣା ଦେଖି ପୋଲିସକୁ ଫୋନ ଲଗାଇଥିଲେ। କିନ୍ତୁ ଯୋଡ଼ାରେ କୌଣସି ଅଧିକାରୀ ଫୋନ ଉଠାଇନଥିଲେ। ଶେଷରେ ବଡବିଲ୍ ଏସଡିପିଓଙ୍କୁ ଏହି ଘଟଣା ସମ୍ପର୍କରେ ଜଣାଇବା ପରେ ଏସଡିପିଓ ଦିଲିପ କୁମାର ବାଗ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଅସହାୟ ଯୁବକଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଆସୁଥିବା ଜାଣିବାକୁ ପାଇ ମାଡ ମାରୁଥିବା ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଏନେଇ ତଦନ୍ତ ଜାରି ରଖିଛି।

## କୌଳିକ ବୃତ୍ତିରେ ଚାଲିଛି ସଂସାର

ତେଲକୋଇ, ୨୭।୮(ଡି.ଏନ.ଏ.)-

କୌଳିକ ବୃତ୍ତିରେ ସଂସାର ଭାର ନେଇଛନ୍ତି ବାବୁଲି ବାରିକ। ପରିବାରରେ ୬ପ୍ରାଣୀ କୁଟୁମ୍ବ ସହିତ ୨ଜଣ ଝିଅଙ୍କୁ କଲେଜ ପଢାଇବା ସହିତ ଏହି ବୃତ୍ତିରେ ନିଜକୁ ଯୋଗ୍ୟ ମନେକରିଛନ୍ତି ବାବୁଲି। ସଂସାର ବାଜିରେ ଭାଙ୍ଗିପଡ଼ିନାହାନ୍ତି କି ହାରି ଯାଇନାହାନ୍ତି ପୂର୍ବପୁରୁଷଙ୍କ ବୃତ୍ତି ବଜାୟ ରଖି ବାବୁଲି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କୌଳିକ ବୃତ୍ତି କହିଲେ ପୂର୍ବପୁରୁଷଙ୍କ ଠାରୁ ଆରମ୍ଭ ହୋଇ ଯେଉଁ ବୃତ୍ତି ଚାଲିଥାଏ। ସେ ଚୁଟି କାଟି ନିଜର ପୂର୍ବ ପୁରୁଷଙ୍କ ସ୍ୱତନ୍ତ୍ର ପରିଚୟକୁ ନେଇ ଚାଲି ଆସିଛନ୍ତି। ସେ ଏହି ବୃତ୍ତିରେ ସନ୍ତୁଷ୍ଟ ଥିବା କହିଛନ୍ତି।

ତେଲକୋଇ ମୁଖ୍ୟାଳୟ ହାଲପୋଡି ଗ୍ରାମରେ ନିଜର ଘର। ତେବେ ହାଲପୋଡି ଗ୍ରାମ ସହିତ ରାମଚନ୍ଦ୍ରପୁର ଗ୍ରାମରେ ବାର୍ଷୀକ (ବର୍ତ୍ତନିଆ) କାର୍ଯ୍ୟ (ଭଲ ମନ୍ଦରେ ସମସ୍ତଙ୍କ କ୍ରିୟା କର୍ମ ) କରି ସବୁ ପରିବାର ଠାରୁ ଧାନ ଚାଉଳ ସଂଗ୍ରହ କରିଥାନ୍ତି। ଏତଦବ୍ୟତୀତ ସପ୍ତାହିକ ହାଟରେ ସାମିଲ ହୋଇ ବେଶ ରୋଜଗାର କ୍ଷମତାରେ ପରିବାର ପୋଷଣ କରିଥାନ୍ତି। ସପ୍ତାହ ହାଟରେ ଗଛ ମୂଳେ ଏକ ଚୌକି ପକାଇ, ଗଛରେ ଏକ ଦର୍ପଣ ରଖି ଚୁଟି କାଟିବା ତାଙ୍କର ଦୈନନ୍ଦିନର କାର୍ଯ୍ୟ। ହାଟକୁ ଆସିଥିବା ଗ୍ରାହକଙ୍କ ମଧ୍ୟରେ ବେଶ ପରିଚିତ ହୋଇଛନ୍ତି ବାବୁଲି। ଏଥିପାଇଁ ସପ୍ତାହର ୩ଟି ହାଟରୁ ୧୫ ଶହଟଙ୍କା ଆୟ କରି ବେଶ ଆନନ୍ଦିତ। ସେ ସେତିକିରେ ଘର ଘର୍ଚ୍ଚ ଉଠାଇବା ସହ ପିଲାଙ୍କ ପାଠ ପଢ଼ା ଖର୍ଚ୍ଚ ମଧ୍ୟ ଉଠାଇପାରନ୍ତି। ବାବୁଲିଙ୍କ କହିବାନୁଯାୟୀ ୨ଟି ଗ୍ରାମର ବାର୍ଷିକ ଆୟ ଧାନ ଚାଉଳ ପାଉଥିବା ବେଳେ ସାପ୍ତାହିକ ହାଟରୁ ଯେତିକି ମିଳୁଛି ଅଧିକ ନ ହେଲେ ବି ଖୁସିରେ ଚଳିଯାଉଛନ୍ତି। ବର୍ତ୍ତମାନ ଯୁବଗରେ ଖଟି ଖାଇବା ସହ ପୁରୁଣା ପରମ୍ପରାକୁ ବଜାୟ ରଖିବା ବହୁତ କମ୍ ଲୋକେ ମିଳିବେ। ଅଧିକ ଅର୍ଥ ନ ହେଲେ ବି ନିଜ ବୃତ୍ତିରେ ସେ ବେଶ ଗର୍ବିତ।



ତେଲକୋଇ ସାପ୍ତାହିକ ହାଟରେ ଗଛରେ ଦର୍ପଣ ରଖି ନିଜ ବୃତିରେ ବାବୁଲି।

## ଯୁବ ସଂଘଗୁଡ଼ିକୁ ଆର୍ଥିକ ସହାୟତା ଦିଆଯିବ

କେନ୍ଦୁଝର,୨୭।୮(ସ୍ୱ.ପ୍ର.)

ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ତରଫରୁ ରାଜ୍ୟର ୟୁଥ୍ କ୍ଲବ ଗୁଡ଼ିକୁ ଆର୍ଥିକ ସହାୟତା ଦିଆଯିବାର କାର୍ଯ୍ୟକ୍ରମ ଥିବା ଦୃଷ୍ଟିରୁ କେନ୍ଦୁଝର ଜିଲାରେ ଏ ସମ୍ପର୍କରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ଯୋଗ୍ୟ ଯୁବ ସଂଘ ଚୟନ ନିମନ୍ତେ ଜିଲା କ୍ରୀଡା ଅଧିକାରୀ ପଦକ୍ଷେପ ନେଇଛନ୍ତି। ଉକ୍ତ ଆର୍ଥିକ ସହାୟତା ପାଇବା ପାଇଁ କେନ୍ଦୁଝର ଜିଲାର ଯୋଗ୍ୟ ଯୁବ ସଂଘଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଇଛି ବୋଲି ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ପ୍ରକାଶ କରିଛନ୍ତି। ଯୁବସଂଘ ଗୁଡିକ ସୋସାଇଟି ପଞ୍ଜୀକରଣ ଅଧିନିୟମ ୧୮୬୦ ଅନୁସାରେ ପଞ୍ଜୀକୃତ ହୋଇଥିବେ କିମ୍ବା ସେହି ସମ୍ପର୍କିତ ରାଜ୍ୟ ଅଧିନିୟମ କିମ୍ବା ନେହେରୁ ଯୁବ କେନ୍ଦ୍ରଦ୍ୱାରା ମାନ୍ୟତା ପ୍ରାପ୍ତ ହୋଇଥିବା ଆବଶ୍ୟକ। ୨ବର୍ଷ ଧରି ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ପ୍ରମାଣସ୍ୱରୂପ ସନ୍ତୋଷଜନକ ନଥିପତ୍ର ଥିବା ଦରକାର। ଏଥିନିମନ୍ତେ ଯୋଗ୍ୟତା ସମ୍ପନ୍ନ ଯୁବସଂଘଗୁଡ଼ିକ ଆର୍ଥିକ ସହାୟତା ଭାବେ ୧୫ହଜାର ଟଙ୍କା ଲେଖାଏ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ। ଆଗ୍ରହୀ ଯୁବସଂଘଗୁଡ଼ିକ ଆସନ୍ତା ମାସ ୧୬ତାରିଖ ମଧ୍ୟରେ ଦରଖାସ୍ତ ଗୁଡ଼ିକ କେନ୍ଦୁଝର ଜିଲା କ୍ରୀଡ଼ା ଅଧିକାରଙ୍କ ନିକଟକୁ ପଠାଇପାରିବେ ବୋଲି ସୂଚନା ଦିଆଯାଇଛି।

## ବିଦ୍ୟାଳୟରେ ନୂତନ କମିଟି ଗଠିତ

ବଉଳା, ୨୭।୮(ଡି.ଏନ.ଏ.)-

ହାଟଡିହୀ ବ୍ଲକ ବାରିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ଏଥିରେ ଚେୟାରମ୍ୟାନ ଭାବେ ପ୍ରମୋଦ କୁମାର ପ୍ରଧାନ ମନୋନୀତ ହୋଇଥିବା ବେଳେ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଭାଇସଚେୟାରମ୍ୟାନ ଭାବେ ମନୋନୀତ ହୋଇଥିଲେ। ବିଦ୍ୟାଳୟ କମିଟିଗଠନ ବୈଠକ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଛାତ୍ରୀଛାତ୍ରଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ସଭ୍ୟାସଭ୍ୟ ଭାବେ ଅନାମ ଚରଣ ଶଙ୍ଖୁଆ, ପ୍ରମୋଦ କୁମାର ପ୍ରଧାନ, ରାଜେନ୍ଦ୍ର ସେଠୀ, ନରହରି ବେହେରା, ମଦନ ମୋହନ ଜେନା, ରିଙ୍କୁ ନାହାକ, ମାନିନୀ ପୁହାଣ, ମମତା ଭୋଇ, ଦିପ୍ତିମୟୀ ବିଶ୍ୱାଳ, ମନୋରମା ସେଠୀ, ରଶ୍ମି ମୁର୍ମୁ ପ୍ରମୁଖ ମନୋନୀତ ହୋଇଥିଲେ।

- ଯୋଡ଼ା ବ୍ଲକରେ ଷଷ୍ଠତମ ପଞ୍ଚାୟତ ସମିତି ବୈଠକ

# ଉତ୍ତର ନ ପାଇ ବିରକ୍ତ ହେଲେ ଏମ୍‌ପି, ବିଧାୟିକା

ଯୋଡ଼ା, ୨୭।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ସଭାଗୃହଠାରେ ମଙ୍ଗଳବାର ଷଷ୍ଠତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଯୋଡା ବ୍ଲକ ଅଧ୍ୟକ୍ଷା ଶୁକ୍ରମାରୀ ଦେହୁରୀ, ଉପାଧ୍ୟକ୍ଷ ବିଶ୍ୱଜିତ ନାଏକ, ବିଡିଓ କ୍ଷୀରୋଦ କୁମାର ବେହେରାଙ୍କ ସମେତ ୧୯ ଗୋଟି ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ବୈଠକରେ ସମୁଦାୟ ୧୯ଟି ବିଭିନ୍ନ ବିଭାଗୀୟ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏମ୍‌ପି ଏବଂ ବିଧାୟିକା ସବୁ ଅଭିଯୋଗ ଶୁଣିବା ସହିତ ସବୁ କର୍ମକର୍ତ୍ତାଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ପଡୁଥିଲା। ଯେଉଁମାନେ ଭୁଲ ଉତ୍ତର ଦେଉଥିଲେ ସେମାନଙ୍କ ଉପରେ ବୈଠକ ମଧ୍ୟରେ ବିରକ୍ତ ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା।

ଯୋଡା ବ୍ଲକରେ ଦୁର୍ଘଟଣା ଜନିତ ପଶୁ ମୃତ୍ୟୁ ଓ ଆହତ ସଂଖ୍ୟା ବଢିଥିବା ବେଳେ ଆହତ ପଶୁ ମାନଙ୍କର ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକଙ୍କୁ ଡାକିଲେ ଚିକିତ୍ସକ ଶୁଣୁନଥିବା ଭଦ୍ରାସାହି ସରପଞ୍ଚ କସ୍ତୁରି ଓରାମ୍ ଅଭିଯୋଗ କରିଥିଲେ। ଯୋଡା ବ୍ଲକର ସ୍ୱାସ୍ଥ୍ୟ ବିଭାଗର ପ୍ରଶ୍ନ ଉତ୍ତରରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଲକ୍ଷ୍ମୀକାନ୍ତ ସିଂ କହିଥିଲେ ଯେ, ସ୍ୱାସ୍ଥ୍ୟ କେନ୍ଦ୍ରରେ ୩ ଜଣ ସରକାରୀ ଡାକ୍ତର ଥିବା ବେଳେ ଜଣେ ଡିଷ୍ଟ୍ରିକ ମିନେରାଲ ଫାଉଣ୍ଡେସନ(ଡିଏମଏଫ) ପକ୍ଷରୁ ଅଛନ୍ତି। ଚମ୍ପୁଆ ବିଧାୟିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ବେଳେ ସେ ଡାକ୍ତରଖାନାରେ ହେଉଥିବା ଅବ୍ୟବସ୍ଥା ବିଷୟରେ ପ୍ରଶ୍ନ କରିବାରୁ ଡାକ୍ତର ସିଂ ସେତେବେଳେ ଛୁଟିରେ ଥିବା କହି ପ୍ରଶ୍ନକୁ ଏଡାଇ ଦେଇଥିଲେ। ଫଳରେ ବିଧାୟିକା ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଯୋଡ଼ାରେ ୧୭୨ ବିଦ୍ୟାଳୟ ଥିବା ବେଳେ ୬୨୩ ଜଣ ଶିକ୍ଷୟତ୍ରୀଶିକ୍ଷକ ରହିଛନ୍ତି। ଆଉ ୧୬୯ ଶିକ୍ଷକ ଆବଶ୍ୟକ ବୋଲି ସେ କହିଥିଲେ। ଅନେକ ଖଣି କମ୍ପାନୀର କର୍ପୋରେଟ ଅଫିସ ମାନେ ଶିକ୍ଷକ ଯୋଗାଇ ଦେଉଥିବା କହୁଥିବା ବେଳେ, କେତେ ଶିକ୍ଷକ କର୍ପୋରେଟ ଅଫିସ ପକ୍ଷରୁ ଯୋଗାଇ ଦିଆଯାଇଛି ପ୍ରଶ୍ନ କରାଯାଇଥିବାରୁ, ଏହାର ଉତ୍ତର ବିଇଓ ଦେଇପାରିନଥିଲେ। ଫଳରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଓ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ କ୍ଷୋଭ ପ୍ରକାଶ କରିଥିଲେ। ଯୋଡା ବ୍ଲକ ବିଡିଓ ଏଥିରେ ହସ୍ତକ୍ଷେପ କରି ଏହାର ତଦନ୍ତ କରିବେ ବୋଲି କହିବା ସହିତ ଏହାକୁ ଅଗ୍ରାଧିକାର ଭିତ୍ତିରେ ଲିପିବଦ୍ଧ କରି ରଖିଥିଲେ। ଅନ୍ୟପକ୍ଷେ ଯୋଡା ମଙ୍ଗଳ ସଂପ୍ରସାରଣ ଅଧିକାରୀ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ପ୍ରଶ୍ନରେ ବିବ୍ରତ ହୋଇପଡିଥିଲେ। ଆଶ୍ରମ ସ୍କୁଲ ଗୁଡିକରେ ଛାତ୍ରୀଛାତ୍ରମାନଙ୍କର ଅବସ୍ଥା ନିଜେ ଯାଇ ଦେଖ ବୋଲି ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଲେଇପଦାସ୍ଥିତ ଟାଟାସ୍ପଞ୍ଜ କାରଖାନରେ ୨୦୦୪ ଅଗଷ୍ଟ ୬ ତାରିଖରେ କାର୍ଯ୍ୟରତ ଅବସ୍ଥାରେ ମହାନ୍ତି କାରୁଆଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ କମ୍ପାନୀରେ ନିଯୁକ୍ତି ଓ ଆର୍ଥିକ କ୍ଷତିପୂରଣ ଦାବି ପାଇଁ ତାଙ୍କ ପତ୍ନୀ ବିଳାସୀ କାରୁଆ ଓ ତାଙ୍କ ପୁଅ କେନ୍ଦୁଝର ଏମ୍‌ପିଙ୍କୁ ଦାବିପତ୍ର ଦେଇଥିଲେ। କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ଅନୁକମ୍ପା ପ୍ରଦର୍ଶନ କରି ଏହାକୁ ବିଚାରକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଯୋଡା ବ୍ଲକ କୃଷି ବିଭାଗ ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଏଫଆଇଏସ ଚେୟାରମ୍ୟାନ କବୀନ୍ଦ୍ର ନାଏକ କେନ୍ଦୁଝର ଏମ୍‌ପି ଓ ଚମ୍ପୁଆ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି ବୈଠକ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହୋଇଥିଲା।



ଯୋଡା, ପଞ୍ଚାୟତ ସମିତି ବୈଠକ।

### ଉପସ୍ଥାନକୁ ଗୁରୁତ୍ୱ ଦିଆଯିବ

କେନ୍ଦୁଝର, ୨୭।୮(ସ୍ୱ.ପ୍ର.)

ହରିଚନ୍ଦନପୁର ବ୍ଲକ ମହାପାଟ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ଯୁକ୍ତ ୩ ଛାତ୍ରୀଛାତ୍ରମାନଙ୍କ ଅଭିଭାବକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବ୍ରହ୍ମାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରିଥିଲେ। ଉଚ୍ଚ ଶିକ୍ଷା ବିଭାଗର ପ୍ରୋକ୍ଟରିଆଲ ବ୍ୟବସ୍ଥା ବିଷୟରେ ଥିବା ନିର୍ଦ୍ଦେଶାନାମାକୁ ଅଧ୍ୟକ୍ଷ ସମସ୍ତଙ୍କୁ ଅବଗତ କରିଥିଲେ। ପ୍ରତ୍ୟେକ ପିଲାଙ୍କୁ ଅନ୍ୟୂନ ୬୫ ପ୍ରତିଶତ ଉପସ୍ଥାନକୁ ଗୁରୁତ୍ୱ ଦିଆଯାଉଥିବା କହିଥିଲେ। ମହାବିଦ୍ୟାଳୟର ୟୁନିଫର୍ମ ବିଷୟରେ ମଧ୍ୟ ଅବଗତ କରାଯାଇଥିଲା। ପ୍ରତ୍ୟେକ ଦୁଇ ମାସରେ ଥରେ ଅଭିଭାବକ ବୈଠକ ବସିବା ନେଇ କାର୍ଯ୍ୟକ୍ରମରେ ସ୍ଥିରୀକୃତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅକ୍ଷୟ କୁମାର ସିଂ, ସିଦ୍ଧେଶ୍ୱର ନାୟକ, ଅଧ୍ୟାପିକା ମୀନାକ୍ଷୀ ପ୍ରଧାନଙ୍କ ସମେତ ହିମାଦ୍ରୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।